### କୋଣାର୍କ ଯାତ୍ରୀନିବାସରେ ରଜ ଉତ୍ସବ

## ପୋଡ଼ପିଠା ଓ ରଜଦୋଳିର ମଜା ନେଉଛନ୍ତି ପର୍ଯ୍ୟଟକ




କୋଣାର୍କ, ୧୪।୬(ସମିସ): ଓଡ଼ିଶାର ଗଣପର୍ବ ରଜ ଉତ୍ସବ ଅବସରରେ ଶୁକ୍ରବାର ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଦ୍ୱାରା ପରିଚାଳିତ କୋଣାର୍କ ଯାତ୍ରୀନିବାସରେ ପର୍ଯ୍ୟଟକମାନଙ୍କ ନିମନ୍ତେ ସ୍ୱତନ୍ତ୍ର ପିଠାପଣା ଓ ରଜଦୋଳିର ବ୍ୟବସ୍ଥା ହୋଇଛି। ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀଙ୍କ ତତ୍ୱାବଧାନରେ ଆୟୋଜିତ ପିଠା ଷ୍ଟଲ୍ ଓ ରଜଦୋଳିକୁ ସମାଜସେବୀ ହରିଶ୍ଚନ୍ଦ୍ର ଦାଶ ଅତିଥିରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ତିନିଦିନ ବ୍ୟାପି ରଜ ମହୋତ୍ସବ ଅବସରରେ ପର୍ଯ୍ୟଟକମାନଙ୍କ ପାଇଁ ଓଡ଼ିଶାର ପାରମ୍ପରିକ ପୋଡ଼ପିଠା, ଏଣ୍ଡୁରି, ମଣ୍ଡା, କାକରା, ନାନମାନ, ଚକୁଳି ଓ ତେଲଛଣା ପିଠା ସହିତ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତି ଜାରି ରହିବ ବୋଲି ଯାତ୍ରୀନିବାସର କ୍ୟାଟରିଂ ପରିଚାଳକ ବିକାଶ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ସୁସ୍ୱାଦୁ ପୋଡ଼ପିଠା ଖାଇ ଯାତ୍ରୀନିବାସ ଲନରେ ସୁସଜ୍ଜିତ ଦୋଳିରେ ଝୁଲି ମଜା ନେଉଛନ୍ତି ପର୍ଯ୍ୟଟକ। ଓଡ଼ିଶାର ଖାଦ୍ୟ ସଂସ୍କୃତି ଓ ପର୍ବପର୍ବାଣୀ ପାଳନରେ ନିହିତ ସ୍ୱାସ୍ଥ୍ୟ ସଚେତନତା ଓ ସାମାଜିକ ମୂଲ୍ୟବୋଧ ସମ୍ପର୍କରେ ପର୍ଯ୍ୟଟକମାନଙ୍କୁ ଅବଗତ କରାଇବାର ମହତ୍ ଉଦ୍ଦେଶ୍ୟ ନେଇ ଓଟିଡିସି ପକ୍ଷରୁ ଏପରି ସ୍ୱତନ୍ତ୍ର ଆୟୋଜନ କରାଯାଇଥିବା ପର୍ଯ୍ୟଟନ ଅଧିକାରୀ ତଥା ଯାତ୍ରୀନିବାସର ବରିଷ୍ଠ ପ୍ରବନ୍ଧକ ଅମୀୟ କୁମାର ସେଠୀ ପ୍ରକାଶ କରିଛନ୍ତି।

### ରଜ କ୍ରୀଡ଼ା ଉତ୍ସବ ଓ ସମ୍ବର୍ଦ୍ଧନା ସଭା

## ଗ୍ରାମାଞ୍ଚଳରେ କ୍ରୀଡ଼ା, ସଂସ୍କୃତି ଓ ପରମ୍ପରାର ମହାମିଳନ

ଡେଲାଙ୍ଗ, ୧୪।୬(ସମିସ):




ଡେଲାଙ୍ଗ ବ୍ଲକ ମୁନିନ୍ଦାସ୍ଥିତ କବି ପ୍ରସନ୍ନ ପାଟଶାଣୀ ଉଚ୍ଚ ବିଦ୍ୟାଳୟ ପରିସରରେ ରଜ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଫେସର ଶଶାଙ୍କ ଚୁଡାମଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ପୁରୀ ସାଂସଦ ଡା.ସମ୍ବିତ୍ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ରଜ କ୍ରୀଡ଼ା ଉତ୍ସବର ଉଦ୍‌ଘାଟନ କରିଥିଲେ। ଡେଲାଙ୍ଗ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୂର୍ବତନ ସାଂସଦ କବି ପ୍ରସନ୍ନ ପାଟଶାଣୀ, ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ପୂର୍ବତନ ଅଧ୍ୟକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ, ଓଡ଼ିଶା ଖୋ ଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ପୁରୀ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଓଡ଼ିଶା ଆଥଲେଟିକ୍ ଆସୋସିଏସନ୍ କୋଷାଧ୍ୟକ୍ଷ ରବି ଶଙ୍କର ପ୍ରତିହାରୀ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା ଖୋ ଖୋ ସଂଘ ଓ ସାହିତ୍ୟ, ସଂସ୍କୃତିର ଅଗ୍ରଣୀ ଅନୁଷ୍ଠାନ 'ବିଶ୍ୱମୁକ୍ତି' ଦ୍ୱାରା ପ୍ରାୟୋଜିତ ରାଜ୍ୟସ୍ତରୀୟ ରଜ କ୍ରୀଡ଼ା ଉତ୍ସବ ଗ୍ରାମାଞ୍ଚଳରେ କ୍ରୀଡା ସଂସ୍କୃତି ଓ ପରମ୍ପରାର ମହାମିଳନ ହେବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବୌଦ୍ଧ ଧର୍ମର ପ୍ରଚାରକ ଦିଗନାଗ୍,ଯାହାଙ୍କ ନାମରେ ଡେଲାଙ୍ଗର ନାମ ରଖାଯାଇଛି ସେ ନାଳନ୍ଦା ବିଶ୍ୱ ବିଦ୍ୟାଳୟର କୂଳାଧିପତି ଥିଲେ। କିନ୍ତୁ ଡେଲାଙ୍ଗରେ ତାଙ୍କର ସ୍ମୃତି ନିମନ୍ତେ ଅଦ୍ୟାବଧି କୌଣସି ସ୍ମାରକ ନାହିଁ। ତେଣୁ ପ୍ରଫେସର ଶ୍ରୀ ଚୁଡାମଣି ଡେଲାଙ୍ଗରେ ଦିଗନାଗଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ସାଂସଦ ଡା.ପାତ୍ରଙ୍କୁ ନିବେଦନ କରିଥିଲେ। କବି ପ୍ରସନ୍ନ ପାଟଶାଣୀ ଉଚ୍ଚ ବିଦ୍ୟାଳୟରୁ ଅନେକ ଖେଳାଳି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିବା ସହିତ ସରକାରୀ ଚାକିରିରେ ନିୟୋଜିତ ହୋଇଛନ୍ତି। ତେଣୁ ସମସ୍ତେ କ୍ରୀଡା ପ୍ରତି ଆକୃଷ୍ଟ ହେବା ଆବଶ୍ୟକ ବୋଲି ଡା. ପାତ୍ର ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଡେଲାଙ୍ଗର ସମସ୍ତ କାର୍ଯ୍ୟରତ ଖବରଦାତା ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନବନିର୍ବାଚିତ ସାଂସଦ ଡା.ପାତ୍ର ଓ ବିଧାୟକ ଶ୍ରୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଷିକେଶ ବଳିଆରସିଂହ, ପରିଚାଳନା କମିଟି ସଭାପତି ସବିତା ଦାସ, ରଜ କ୍ରୀଡା ଉତ୍ସବ ନିର୍ଦ୍ଦେଶକ ବଟକୃଷ୍ଣ ଜେନା, ଖୋ ଖୋ କ୍ଲବ ସଭାପତି ମକରଧ୍ୱଜ ପ୍ରଧାନ, ଅଧ୍ୟାପକ ତ୍ରିନାଥ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରଜ ପାନ ଦୋକାନରେ ଭିଡ଼



ସାକ୍ଷୀଗୋପାଳ, ୧୪।୬(ସମିସ): ରଜପର୍ବରେ ରଜପାନର ସ୍ୱାଦ ଟିକେ ଅଲଗା। ସାକ୍ଷୀଗୋପାଳରେ ରଜ ପାନ ଖଣ୍ଡିକର ଦାମ ୧୦ଟଙ୍କାରୁ ଆରମ୍ଭ କରି ୫୦ ଟଙ୍କା ପର୍ଯ୍ୟନ୍ତ ରହିଛି। ରଜପାନ ପାଇଁ ସାକ୍ଷୀଗୋପାଳରେ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଭାବେ ଦେକାନ ଖୋଲିଛି। ବିଭିନ୍ନ ରଙ୍ଗ ବେରଙ୍ଗୀର ମିଠା ମସଲା ସାଙ୍ଗକୁ ଠାରୁ ଦଶ ପ୍ରକାରର ଗୁଆ ରହିଛି। ପାନର ସ୍ୱାଦ ବଢାଇବା ପାଇଁ ବିଭିନ୍ନ ସେଣ୍ଟଦିଆଯାଉଛି। ଯାହାକି ମିଠା ସାଙ୍ଗକୁ ପାଟିରେ ବାସ୍ନା ବଢାଇଦେଇଛି। ସାକ୍ଷୀଗୋପାଳ ବଜାରର ଚନ୍ଦନପୋଖରୀ ଉପରେ ରଜପାନ ଦୋକାନ କରାଯାଇଛି। ପାନ ପାଇଁ ବିଶେଷ କରି ଯୁବକଯୁବତୀମାନଙ୍କ ସେଠାରେ ଗହଳି ଲାଗିଥିବାର ଦେଖାଯାଇଛି। ବାସୁଦେବ ସାହୁ ଓ ଭଜମନ ସେନାପତି କହନ୍ତି ଏ ବର୍ଷ ପାନ ବେପାର ଜମି ଆସୁଛି। ପାଗ ବହୁତ ଭଲ ରହିଛି।ପ୍ରଥମ ରଜ ସରିଗଲା ଆଉ ଦୁଇଦିନ ରଜ ରହିଛି ନିଶ୍ଚିତ ରଜ ବଜାରରେ ରଜପାନ ବେପାର ଜମିବ ବୋଲି ଆଶା ରଖିଛନ୍ତି।

## ରଜଉତ୍ସବ ଫିକା | ବାସୁନି ପୋଡ ପିଠାର ମହକ, ଶୁଭୁନି ରଜଦୋଳିର ଗୀତ



କଣାସ, ୧୪।୬(ସମିସ): ଆଷାଢର ପହିଲି ବର୍ଷାରେ ମାଟି ଭିଜେଇ ଦେଇ ସବୁଜିମାରେ ସଜେଇ ହେବାର ସଙ୍କେତିକ ଉତ୍ସବ ରଜ। ରଜ ପର୍ବ କେଉଁ ଅବାହାନ କାଳରୁ ସମଗ୍ର ଓଡ଼ିଶାର ପୁରପଲ୍ଲୀ ଓ ପ୍ରତି ପରିବାରରେ ଉତ୍ସାହର ସହିତ ପାଳିତ ହୋଇଆସୁଛି। କୃଷି ଓଡ଼ିଶାର ମୁଖ୍ୟ ଜୀବିକା ହୋଇଥିବାରୁ ମାଟି ମା'କୁ ବିଶ୍ରାମ ଦେବା ରଜ ପର୍ବପାଳନର ମୁଖ୍ୟ ଉଦ୍ଦେଶ୍ୟ। ପ୍ରକୃତି ସୃଷ୍ଟି କରିଛି ବର୍ଷା ଆଉ ବର୍ଷାକୁ ସ୍ୱାଗତ କରି ସୃଷ୍ଟି ହେଉଛି ରଜ ପର୍ବ। ରଜ ଉତ୍ସବରେ ପିଲାମାନଙ୍କର ଆନନ୍ଦ କହିଲେ ନ ସରେ। ବିଶେଷ କରି ଅନୁଢା ଯୁବତୀମାନଙ୍କ ଖୁସି ନିଆରା। ସେମାନଙ୍କ ରଜଦୋଳି ଗୀତରେ କମ୍ପି ଉଠେ ଗାଁ ଦାଣ୍ଡ। ରଜ ଦୋଳିରେ ବସିବା ଯେତିକି ଆମଦ ଦାୟକ ତାହା ଠାରୁ ସ୍ମୃତି ମଧୁର ତାହାର ମନଫୁଲାଣିଆ ଗୀତ। ସେ ଗୀତରେ ପ୍ରତିଫଳିତ ହୁଏ ପାରିବାରିକ ସୁଖ-ଦୁଃଖ, ଖସ, କାନ୍ଦ ତଥା ପଲ୍ଲୀ ଜୀବନର ସାମାଜିକ ଚିତ୍ର। ଦୋଳି ଗୀତର ଭାଷା ଓ ଭାବ ଖୁବ୍ ସରଳ। ଏହା ଆମ ଲୋକ ସାହିତ୍ୟର ଅମୂଲ୍ୟ ସମ୍ପଦ। ରଜ ପର୍ବର ବଡ ଆକର୍ଷଣ ହେଉଛି ପୋଡପିଠା ଓ ରଜପାନ। ଓଡ଼ିଶାର ଗଣପର୍ବ ରଜ କେବଳ ପିଠାପଣା ବା ଦୋଳିଖଳର ଆସର ନେଇ ଆସେନି ବରଂ ଏହା ଆସେ ସମ୍ପର୍କ ଓ ସଦ୍‌ଭାବନାର ବାର୍ତ୍ତା ନେଇ।ମନଭିତରେ ଜମାଟ ବାନ୍ଧିଥିବା ସାରାବର୍ଷର ରାଗ, ରୋଷ ଓ ଅଭିମାନ ଦୂର ହୋଇଯାଏ। ପିଠାପଣା ଓ ରଜପାନର ଆଦାନପ୍ରଦାନ ମଧ୍ୟରେ ଲିଭିଯାଏ ବିଭେଦ ଓ ବିଦୋଶ। ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ପରସ୍ପର ପ୍ରତି ଆସେ ଏକ ସମଦର୍ଶୀକତନ ଓ ଚିନ୍ତନ। ରଜ ପର୍ବ ଗଢିଦିଏ ସମ୍ପର୍କର ନୂଆସେତୁ। ଆଧୁନିକ ଚାଲିଚଳନରେ ବିଜ୍ଞାନର ଆଗ୍ରଗତି, ଆଧୁନିକ କୃଷି ପ୍ରଣାଳି, ସହରିସଭ୍ୟତାର କୃତ୍ରିମତା ଓ ଯୁବପିଢିର ପରିବର୍ତ୍ତିତ ମାନସୀକତା ଯୋଗୁଁ ବର୍ଷ ବର୍ଷ ଫିକା ପଡ଼ିବାରେ ଲାଗିଛି ରଜର ପର୍ବ। ଗାଁ ଦାଣ୍ଡରେ ଆଉ ବାଜା ବାଜୁନିକି ଜମି ଉଠୁନି ତାସ୍, ପଶା ଓ କବାଡି ଖେଳ, ବୋହୂଚୋରି, ବାଗୁଡିଖେଳ, ଗଛରେ ଆଉ ପଟାଦୋଳି ଝୁଲୁନାହିଁ। କୁଆରୀ କଣ୍ଠରୁ ଭାଷି ଆସୁନାହିଁ ବନସ୍ତେ ଡାକିଲା ଗଜ, ଗଛଟିଏ ବି ନାହିଁ ଦୋଳି ଲଗାଇବାକୁ। ରଜରେ ଆଉ ଆଗଭଳି ଘର ଦୁଆର ମହକି ଉଠୁନି ପୋଡ ପିଠାର ବାସ୍ନା। କେବଳ ପରମ୍ପରାକୁ ଯେନ ତେନ ପ୍ରକାରେ ବଜାଇ ରଖିବାର ପ୍ରୟାସ ଚାଲିଛି।

### ଭୋଜି କରିବାକୁ ଯାଇ ଗୋଷ୍ଠୀ ସଂଘର୍ଷ

## ଉଭୟ ଗୋଷ୍ଠୀର ୮ ଜଣଙ୍କ ବିରୁଦ୍ଧରେ ଅଭିଯୋଗ

ଓଡ଼ଗାଁ, ୧୪।୬ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା କୁରାଳ ପଞ୍ଚୁପାଣ୍ଡବ ପାହାଡ଼ ପାଦଦେଶରେ ଅବସ୍ଥିତ ପର୍ଯ୍ୟଟନସ୍ଥଳୀ ରୂପେ ପରିଚିତ ମା'ବାଗଦେବୀଙ୍କ ପୀଠରେ ଭୋଜି କରିବାକୁ ଆସି ଦୁଇ ଦଳଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିବା ନେଇ ଅଭିଯୋଗ ଫଳରେ ଓଡ଼ଗାଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଭୋଜିରେ ଅଂଶଗ୍ରହଣକାରୀଙ୍କୁ ଓଡ଼ଗାଁ ଥାନାକୁ ଆଣିଥିଲେ। ନିଶାସେବନ କାରଣରୁ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ସୃଷ୍ଟି ହୋଇଥିବା ନେଇ ମଦ୍ୟପାନ କରିଥିବା ପୁଲିସ ପରୀକ୍ଷା କରିଥିଲେ। ଉଭୟ ଗୋଷ୍ଠୀର ୧୫ ଜଣଙ୍କ ମଧ୍ୟରୁ ୮ ଜଣ ସତ୍ୟ ବାରିକ, ସୁକାନ୍ତ ମହାପାତ୍ର, ଗଣେଶ ସାହୁ, ସୁବାସ ବାରିକ, ରାଜକୃଷ୍ଣ ସାହୁ, ପଞ୍ଚାନନ ସେନାପତି, ସୁକାନ୍ତ ସାହୁ, ସାଗର ସାହୁ ମଦ୍ୟପାନ କରିଥିବା ନେଇ ପ୍ରମାଣିତ ହୋଇଥିଲା। ସର୍ବସାଧାରଣ ସ୍ଥାନରେ ମଦ୍ୟପାନ କରି ଶୃଙ୍ଖଳା ଭଙ୍ଗ କରିବା ନେଇ ସେମାନଙ୍କ ନାମକୁ ଅଦାଲତକୁ ପଠାଇ ଦିଆଯାଇଥିବା ବେଳେ ଉଭୟପକ୍ଷଙ୍କୁ ଚୁକ୍ତିନାମା ସ୍ୱାକ୍ଷର କରି ଛଡାଯାଇଥିଲା। ସୂଚନାଥାଉ କି କୁରାଳ ଗାଁର ଗୋଟିଏ ଗୋଷ୍ଠୀ ବାଗଦେବୀଙ୍କ ପୀଠସ୍ଥଳୀକୁ ଭୋଜି କରିବାକୁ ଯାଇଥିବା ବେଳେ ନୟାଗଡ଼ ସୀମା ଅପରପାର୍ଶ୍ୱରୁ ଥିବା ଗଞ୍ଜାମ ଜିଲ୍ଲାର ଅନ୍ୟ ଏକ ଗୋଷ୍ଠୀ ଭୋଜି କରିବା ପାଇଁ ସେଠାକୁ ଆସିଥିଲେ। ଗଞ୍ଜାମ ଜିଲ୍ଲାରୁ ଆସିଥିବା ଦଳର କେତେକ ଯୁବକ ରାସ୍ତା ଅବରୋଧ କରି ସେଲଫି ନେଉଥିବା ବେଳେ ତାକୁ କୁରାଳ ଗୋଷ୍ଠୀ ବିରୋଧ କରିଥିଲେ।ଫଳରେ ଉଭୟଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଗଂଜାମ ଜିଲ୍ଲା ଗୋଷ୍ଠୀର ଯୁବକମାନେ ଫାଙ୍କା ଗୁଳି ଚାଳନା କରିଥିବା ନେଇ ଅଭିଯୋଗ ହୋଇଥିବାବେଳେ ପୁଲିସ ଏପର୍ଯ୍ୟନ୍ତ ପିସ୍ତଲ ଠାବ କରିପାରି ନାହିଁ। କଥାର ସତ୍ୟତାକୁ ନେଇ ପୁଲିସ ସନ୍ଦେହ ପ୍ରକାଶ କରିଛି।

## ବିଦେଶୀ ମଦ ଜବତ, ଅଭିଯୁକ୍ତ ଗିରଫ

ଭାପୁର, ୧୪।୬(ସମିସ) ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଗୋଳାପୋଖରୀ ବଜାର ନିକଟରୁ ବାଇକ୍‌ରେ ଚୋରା ବିଦେଶୀ ମଦ ନେଇ ଯାଉଥିବା ଜଣେ ଯୁବକଙ୍କ ଠାରୁ ୩୧ଲିଟର ମଦ ଜବତ ହେବା ସହ ଅଭିଯୁକ୍ତକୁ ଗିରଫ କରାଯାଇଛି।ଭାପୁର ଫାଣ୍ଡି ଅଧିକାରୀ ସଞ୍ଜୟ କୁମାର ପରିଡ଼ା ଶୁକ୍ରବାର ଦିନ ୧ ଟା ସମୟରେ ପାଟ୍ରୋଲିଂ କରିବା ସମୟରେ ଗୋଳାପୋଖରୀ ବଜାର ନିକଟରେ ଜଣେ ବାଇକ୍ ଚାଳକଙ୍କୁ ଅଟକାଇଥିଲେ। ସେ ଚାରୋଟି ପେପର କାର୍ଟୁନରେ ୪୮ ବୋତଲ କିଙ୍ଗଫିସର ମଦ ନେଇ ଯାଉଥିଲା।ସେ ଏହାର କୌଣସି ଦସ୍ତାବିଜ ନ ଦେଖାଇ ପାରିବାରୁ ତାକୁ ପୁଲିସ ଗିରଫ କରିଥିଲା। ଗିରଫ ବ୍ୟକ୍ତିଙ୍କ ନାମ ଦୀପକ କୁମାର ନାଥ। ତାଙ୍କ ଘର ଚକ୍ରଧରପ୍ରସାଦ ତାଙ୍କୁ ଆଜି କୋର୍ଟଚାଲାଣ କରାଯାଇଛି।

## ଦୁଇ ବାଇକ୍ ମୁହାଁମୁହିଁ ;ଜଣେ ଗୁରୁତର, ୪ ଆହତ



ନିମାପଡ଼ା,୧୫।୬(ସମିସ) ନିମାପଡ଼ା ଥାନା ଅନ୍ତର୍ଗତ ବେଲକଣ ଛକ ନିକଟରେ ଆଜି ଅପରାହ୍ଣରେ ୨ବାଇକ୍ ଧକା ହେବା ଫଳରେ ୫ଜଣ ଆହତ ହୋଇଥିବା ବେଳେ ସେଥିମଧ୍ୟରୁ ଜଣେ ଗୁରୁତର ଥିବା ଜଣାପଡ଼ିଛି। ଗୁରୁତର ଜଣକ ପୂର୍ଣଚନ୍ଦ୍ର ପୋଲଇ (୪୮) ଘର ନିମାପଡ଼ା ଥାନା ଚାଉଳବସ୍ତ ଓ ଅନ୍ୟ ଆହତମାନେ ହେଲେ ମିଟେଇପୁର ଗ୍ରାମର ଲିପା ଭୋଇ, ସୋନାଲି ଭୋଇ ଓ ବାଲିପାଟଣା ଥାନା ଅନ୍ତର୍ଗତ ସିସୋଲ ଗ୍ରାମର ଦିଲୀପ ଭୋଇ ଓ ବବୁଲ ବେହେରା। ସ୍ଥାନୀୟ ଲୋକମାନେ ଆହତ ଲୋକମାନଙ୍କୁ ଚିକିତ୍ସା ପାଇଁ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।ତେବେ ପୂର୍ଣଚନ୍ଦ୍ରଙ୍କ ଅବସ୍ଥା ଅଧିକ ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରିଛନ୍ତି। ଅନ୍ୟମାନଙ୍କୁ ପ୍ରାଥମିକ ଚିକିତ୍ସା କରାଯିବାପରେ ଭୁବନେଶ୍ୱର ପଠାଇଦିଆଯାଇଛି।



## ମାଟ୍ରିକ୍ ମେଧା ସମ୍ମାନ ୧୬ରେ

କୋଣାର୍କ, ୧୪।୬(ସମିସ): କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ଆସନ୍ତା ୧୬ତାରିଖ ଅପରାହ୍ଣରେ କୋଣାର୍କ ଯାତ୍ରୀନିବାସ ଠାରେ ମାଟ୍ରିକ୍ ମେଧା ସମ୍ମାନ-୨୦୨୪ ଆୟୋଜିତ ହେବ। କାର୍ଯ୍ୟକ୍ରମରେ ୨୦୨୩-୨୪ ଶିକ୍ଷାବର୍ଷରେ ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ପାଠ୍ୟୋପକରଣ ପ୍ରଦାନ କରାଯିା କୋଣାର୍କ ଏନ୍‌ଏସି ତଥା ଗୋପ ବ୍ଲକ ଅଞ୍ଚଳର ମେଧାବୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଉଚ୍ଚଶିକ୍ଷା ଲାଭକରି ସ୍ୱାବଲମ୍ବୀ ହେବା ଏବଂ ଖାଲି ଅର୍ଥ ରୋଜଗାରରେ ବ୍ରତୀ ନହୋଇ ନିଜକୁ ମାନବୀୟ ମୂଲ୍ୟବୋଧରେ ସମୃଦ୍ଧ କରି ଓଡ଼ିଆ ଜାତିର ସ୍ୱାଭିମାନର ସୁରକ୍ଷା ଦିଗରେ ଯତ୍ନବାନ ହେବାପାଇଁ ବାର୍ତ୍ତା ଦେବା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ଓ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ପ୍ରକାଶ କରିଛନ୍ତି।

## ଉପ ମୁଖ୍ୟମନ୍ତ୍ରୀଙ୍କୁ ପାଇକ ମହାସଂଘର ଦାବିପତ୍ର ପ୍ରଦାନ



କୃଷ୍ଣପ୍ରସାଦ, ୧୪।୬(ସମିସ): ଓଡ଼ିଶା ରାଜ୍ୟ କଳିଙ୍ଗ ପାଇକ ସଂଗଠନ ଏବଂ ପୁରୀଜିଲ୍ଲା ପାଇକ ମହାସଂଘ ତରଫରୁ ଦାବିପତ୍ର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ପ୍ରଦାନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ବିଦ୍ୟାଳୟ, ମହାବିଦ୍ୟାଳୟମାନଙ୍କରେ ପାଇକ ଶିକ୍ଷା ଦାନ ପ୍ରଚଳନ କରିବା, ପାଇକ ଗୁରୁ ପାଇକ କ୍ରୀଡ଼ାବିତଙ୍କୁ ଚିହ୍ନଟ କରି ଭତ୍ତା ପ୍ରଦାନ କରିବା, ପ୍ରତ୍ୟେକ ଗ୍ରାମରେ ପାଇକ ଗୃହ ନିର୍ମାଣ, ଖୋର୍ଦ୍ଧାରେ ପାଇକ ସ୍ମାରକୀ ନିର୍ମାଣ ଆଦି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିକୁ ବିଚାର କରାଯାଇ ପୂରଣ କରାଯିବ ବୋଲି ଉପ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ମହାସଂଘ ତରଫରୁ ସୁବାସ ଚନ୍ଦ୍ର ଜେନା, ଶିଶିର କୁମାର ନାୟକ, ଅମରେନ୍ଦ୍ର ମହାପାତ୍ର, ସୁରଥ ବିଶ୍ୱାଳ, ଭୀମସେନ ପ୍ରଧାନ, କୃଷ୍ଣ ଚନ୍ଦ୍ର ହରିଚନ୍ଦନ ପ୍ରମୁଖ ଆଲୋଚନା କରିଥିବା ଜଣାଯାଇଛି।

### ପୁରୀ ପାଇଁ ନାହିଁ କି ନୟାଗଡ଼ ପାଇଁ ନାହିଁ

## ନୟାଗଡ଼ରେ ରଥକାଠକୁ ନେଇ ଚିନ୍ତା

ନୟାଗଡ଼, ୧୪।୬(ସମିସ):

ନୟାଗଡ଼ ଜିଲ୍ଲାରୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରା ତଥା ରଥଯାତ୍ରା ପାଇଁ କାଠ ଯୋଗାଇ ଦେବାର ପରମ୍ପରା ରହି ଆସିଛି। ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ବଡରାଉଳ ଠାକୁରାଣୀଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇ ରଥକାଠ କାଟିବାର ପରମ୍ପରା ରହିଛି। ଏହି ପରମ୍ପରା ଅନୁସାରେ ପ୍ରତିବର୍ଷ ନୟାଗଡ଼ ବଡରାଉଳ ପୀଠରେ ପୂଜାର୍ଚ୍ଚନା ହୋଇ ଆସୁଥିବା ବେଳେ ରଥକାଠ ଯୋଗାଣ ଦିନକୁ ଦିନ ହ୍ରାସ ଘଟୁଛି। ପୁରୀ ଶ୍ରୀ ଜଗନ୍ନାଥଙ୍କ ଘୋଷଯାତ୍ରା ପାଇଁ ଆବଶ୍ୟକ ହେଉଥିବା କାଠର ଏକ ଚତୁର୍ଥାଂଶ କାଠ ନୟାଗଡ଼ରୁ ଯୋଗାଣ ହୋଇ ପାରୁନାହିଁ। ରଥକାଠ ଆବଶ୍ୟକତା ମେଣ୍ଟାଇବା ପାଇଁ ବୌଦ୍ଧ ବନଖଣ୍ଡ, ଖୋର୍ଦ୍ଧା ବନଖଣ୍ଡ ଓ ଘୁମୁସର ବନଖଣ୍ଡ ଉପରେ ନିର୍ଭର କରିବାକୁ ପଡୁଛି। ମୁଖ୍ୟତଃ ନୟାଗଡ଼ ବନଖଣ୍ଡ ଅଧିକାରୀ ଭାବେ କ୍ଷମା ଷଡଙ୍ଗୀ ଦାୟିତ୍ୱ ନେବାଠାରୁ ଏଭଳି ସମସ୍ୟା ଦ୍ୱିଗୁଣିତ ହୋଇଛି। ପୁରୀ ରଥ ପାଇଁ ଆବଶ୍ୟକ କାଠ ଯୋଗାଣରେ ନୟାଗଡ଼ ବନବିଭାଗ ବିଫଳ ହେଉଥିବା ବେଳେ ନୟାଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆବଶ୍ୟକ ରଥ ନିର୍ମାଣ ପାଇଁ କାଠର ବ୍ୟାପକ ଆବଶ୍ୟକତା ପ୍ରତି ବନବିଭାଗ ଆଦୌ ଦୃଷ୍ଟି ଦେଉନାହିଁ। ନିୟମ ନାହିଁ କହି ବନବିଭାଗ ରଥକାଠ ଯୋଗାଇ ଦେବାକୁ ମନା କରୁଥିବା ଲଗାତର ଭାବେ ଦେବୋତ୍ତର ବିଭାଗ କହି ଆସୁଛି। ଦେବୋତ୍ତର ବିଭାଗ ଏନେଇ ପୂର୍ବ ପ୍ରସ୍ତୁତି ନକରି ଆବଶ୍ୟକତା ସମୟରେ ଚିଠି କରି କେବଳ ଫାଇଲ ଚାଷ କରୁଥିବା ଅଭିଯୋଗ ହେଉଛି। ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ା, ନୟାଗଡ଼, ଶରଣକୁଳ, ରଣପୁର ପ୍ରଭୃତି ବିଭିନ୍ନ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହେଉଛି। ଦୀର୍ଘବର୍ଷ ପୁରୁଣା ରଥକାଠକୁ ବ୍ୟବହାର କରି ରଥ ନିର୍ମାଣ ହେଉଛି। ଏନେଇ ଆଗୁଆ ପଦକ୍ଷେପ ଗ୍ରହଣ କରି ବନ ଉନ୍ନୟନ ନିଗମଠାରୁ କାଠ କିଣାଯାଇ ପାରନ୍ତା ବୋଲି ମତ ପ୍ରକାଶ ପାଇଛି। ମହାପାତ୍ରେ ଆସିଲେ ମୂଳରୁ ଗାଆ ନୀତିରେ ପ୍ରତିବର୍ଷ ରଥଯାତ୍ରା ପ୍ରସ୍ତୁତି ବୈଠକରେ ଏହାକୁ ନେଇ ଘାଣ୍ଟ ଚକଟ ହେଉଥିବା ବେଳେ ପରମୂହୁର୍ତ୍ତରେ ଏଥିପ୍ରତି ଆଦୌ ଧ୍ୟାନ ଦିଆଯାଉନାହିଁ।

## ମଟନ ମସଲାକୁ କେନ୍ଦ୍ରକରି ଗଣ୍ଡଗୋଳ; ୩ ଆହତ

ନିମାପଡ଼ା.୧୪।୬( ସମିସ) :ମଟନ ମସଲାକୁ କେନ୍ଦ୍ରକରି ଶୁକ୍ରବାର ବଳଙ୍ଗା ଥାନା ଅର୍ନ୍ତଗତ ବଡନିନିଗାଁରେ ଗଣ୍ଡଗୋଳ ଘଟି ୩ ଜଣ ଆହତ ହୋଇଥିବା ବେଳେ ଥାନାରେ ୨ଟି ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଳଙ୍ଗା ପୁଲିସ ଘଟଣାର ତଦନ୍ତ କରୁଛି। ସୂଚନା ମୁତାବକ ବଡନିନିଗାଁର ଭାଲୁ ନାୟକଙ୍କ ସ୍ତ୍ରୀ ମନୋରମା ଥାନାରେ କରିଥିବା ଅଭିଯୋଗ ଅନୁଯାଇ ତାଙ୍କ ପୁଅ ରତିକାନ୍ତ ମଟନ ମସଲା ଆଣିବାକୁ ଗ୍ରାମର ପବି ପ୍ରଧାନଙ୍କ ଦୋକାନକୁ ଯାଇଥିଲା। ଦୋକାନରେ ପବିଙ୍କ ପୁଅ ପିନୁ ଥିବା ବେଳେ ରତିକାନ୍ତ ତାକୁ ମଟନ ମସଲା ମାଗିଥିଲା। ତେବେ ଦୋକାନରେ ମସଲା ଥାଇ ଦିଆଯିବ ନାହିଁ ବୋଲି ରତିକାନ୍ତକୁ ପିନୁ କହିଥିଲା। ରତିକାନ୍ତ ସେଠାରୁ ଫେରି ନିକଟସ୍ଥ ବରିମୁଣ୍ଡ ଛକକୁ ଯାଇ ମସଲା ଆଣି ଘରକୁ ଫେରୁଥିଲା। ବାଟରେ ପବି ଓ ପୁଅ ପିନୁ ରତିକାନ୍ତକୁ କାଠ ଫାଳିଆ ଓ ଛୁରୀରେ ଆକ୍ରମଣ କରିଥିଲେ। ରତିକାନ୍ତ ପେଟରେ ଛୁରୀ ବାଜି କ୍ଷତ ହୋଇଯିବାରୁ ସେ ଚିତ୍କାର କରିଥିଲା। ପାଖରେ ଥିବା ସେହି ଗାଁର ସଞ୍ଜୟ ନାୟକ ଛଡାଇବାକୁ ଆସିବାରୁ ଆକ୍ରମଣରେ ସଞ୍ଜୟଙ୍କ ମୁଣ୍ଡ ଫାଟିଯାଇଥିଲା। ପରିବାର ଲୋକ ଖବର ପାଇ ପହଁଞ୍ଚି ସେମାନଙ୍କୁ ଉଦ୍ଧାର କରି ନିମାପଡ଼ା ଗୋଷ୍ଠୀ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ମନୋରମା ଅଭିଯୋଗ କରିଛନ୍ତି। ଅପର ପକ୍ଷେ ପିନୁ ଦୋକାନରେ ଥିବା ବେଳେ ରତିକାନ୍ତ ମସଲା ମାଗିଥିଲା କିନ୍ତୁ ଦୋକାନରେ ମସଲା ନଥିବାରୁ ରତିକାନ୍ତ ପିନୁକୁ ଗାଳିଗୁଲଜ କରି ଆକ୍ରମଣ କରିଥିଲା। ପବି ଦୋକାନକୁ ଆସି ପ୍ରତିବାଦ କରିବାରୁ ରତିକାନ୍ତ ଓ ସଞ୍ଜୟ ତାଙ୍କୁ ଆକ୍ରମଣ କରିବାରୁ ପବି ମୁଣ୍ଡ ଫାଟିଯାଇଥିବା ନେଇ ପାଲଟା ଅଭିଯୋଗ କରିଛନ୍ତି।

# ଶ୍ରୀକ୍ଷେତ୍ର ସିଟି

୧୪/୬/୨୦୨୪ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୬,୫୯,୦୭୫/- ସୁନା: ୦୨.୩୩୦ ଗ୍ରାମ୍ ରୁପା: ୨୮.୮୧୦ ଗ୍ରାମ୍





## ଦେବସ୍ନାନ ପୂର୍ଣ୍ଣିମା ପ୍ରସ୍ତୁତି ବୈଠକ

# ବିଭାଗଗୁଡ଼ିକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପରାମର୍ଶ



ପୁରୀ, ୧୪।୬(ସମିସ)

ଆସନ୍ତା ୨୨ ତାରିଖରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା। ସ୍ନାନଯାତ୍ରାକୁ କିପରି ଶାନ୍ତି ଶୃଙ୍ଖଳାର ସହ ସମାପନ କରାଯିବ ସେ ନେଇ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପୂର୍ବରୁ ଏକାଧିକ ବୈଠକ ମାଧ୍ୟମରେ ଚଳିତ ସ୍ନାନ ଯାତ୍ରା ଓ ରଥଯାତ୍ରାକୁ ସୁଚାରୁ ରୂପେ ପରିଚାଳନା ପାଇଁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ତାହାର ନିର୍ଯ୍ୟାସ ଆଧାରରେ ସମସ୍ତ ବିଭାଗ ସେମାନଙ୍କ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ଏଥର ସ୍ନାନଯାତ୍ରା ଓ ରଥଯାତ୍ରାରେ ପୂର୍ବ ବର୍ଷ ତୁଳନାରେ ଅଧିକ ଜନ ସମାଗମର ଆଶା ରହିଥିବାରୁ ସମସ୍ତ ବିଭାଗ ଅଧିକ କ୍ରିୟାଶୀଳ ହୋଇ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତି କରଣ, ଅସ୍ଥାୟୀ ପାର୍କିଂ ସ୍ଥଳ, ଶାନ୍ତି ଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ୱେଚ୍ଛାସେବୀ ନିୟୋଜନ, ଅଗ୍ନି ନିର୍ବାପକ ଓ ଜଳସିଞ୍ଚନ ବ୍ୟବସ୍ଥା ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପି ପିନାକ ମିଶ୍ର ସମସ୍ତ ବିଭାଗ ପରସ୍ପର ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟ ରଞ୍ଜନ ପୃଷ୍ଟି, ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ଅତିରିକ୍ତ ଏସ୍‌ପି ବିଷ୍ଣୁ ଚରଣ ପତି, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ପୌର ନିର୍ବାହୀ ଅଧିକାରୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ. ରଶ୍ମିରଞ୍ଜନ ସାହୁ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ମଠ ମହନ୍ତ, ସେବାୟତଙ୍କ ସହ ଏସ୍‌ପିଙ୍କ ଆଲୋଚନା

# ଗୁଆଲି ଶୋଭାଯାତ୍ରାରେ ଫୁଟିବନି ବାଣ




ପୁରୀ, ୧୪।୬(ସମିସ)

ଆସନ୍ତା ୧୮ ତାରିଖ ରୁକ୍ମିଣୀ ହରଣ ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିବାହ ଅନୁଷ୍ଠିତ ହେବ। ଏହା ପରଦିନ ପବିତ୍ର ଚମ୍ପକ ଦ୍ୱାଦଶୀ ଅବସରରେ ମହାପ୍ରଭୁଙ୍କ ଗୁଆଲି ଉତ୍ସବ ଅବସରରେ ଏକ ବର୍ଣ୍ଣାଢ୍ୟ ପଟୁଆରରେ ଦେବ ଦମ୍ପତି ନଗର ପରିକ୍ରମା କରିବେ। ଏଥିରେ ବହୁସଂଖ୍ୟକ କଳାକାର ଓ ହଜାର ହଜାର ଭକ୍ତ, ସେବାୟତ, ସାଧୁସନ୍ଥ ଅଂଶଗ୍ରହଣ କରିବେ। ଏଥିପାଇଁ ଏସ୍‌ପି ପିନାକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା।

ଏଥିରେ ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ଓ ଉତ୍ତର ପାର୍ଶ୍ୱ ମଠ ମହନ୍ତ ନାରାୟଣ ରାମାନୁଜ ଦାସଙ୍କ ସମେତ ଅନ୍ୟ ସେବାୟତ ଓ ବିଶିଷ୍ଟ ବ୍ୟକ୍ତ ଯୋଗ ଦେଇଥିଲେ। ପଟୁଆରରେ ଶାନ୍ତିରକ୍ଷା, ଟ୍ରାଫିକ ନିୟନ୍ତ୍ରଣ ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଥିଲା। ଶୋଭାଯାତ୍ରାରେ ବାଣ ବ୍ୟବହାରକୁ ସମ୍ପୂର୍ଣ୍ଣ ବର୍ଜନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବାକୁ ନିଷ୍ପତ୍ତି ହୋଇଥିଲା। ରଥ ପୂର୍ବରୁ ସାହି ମାନଙ୍କରେ ବୈଠକ କରାଯାଇ ଲୋକଙ୍କ ସମସ୍ୟା ଓ ସହରରେ ଶାନ୍ତି ରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ସମ୍ପର୍କରେ ବ୍ୟାପକ ଆଲୋଚନା କରାଯାଇ ନିଷ୍ପତ୍ତି କରାଯିବ ବୋଲି ଏସ୍ ପି ଶ୍ରୀ ମିଶ୍ର ଘୋଷଣା କରିଥିଲେ।

## ମଠ ଜମି ମାଡ଼ି ବସିବାକୁ ଯୋଜନା

# ଭାଙ୍ଗିଦେଲେ ଶଙ୍କରାଚାର୍ଯ୍ୟଙ୍କ ସମାଧି



ପୁରୀ, ୧୪।୬(ସମିସ)

ପୁରୀରେ ମଠ, ମନ୍ଦିର ଜମି ମାଡି ବସିବାକୁ କିଛି ମାଫିଆ ସକ୍ରିୟ ହୋଇପଡ଼ିଛନ୍ତି। ସେମାନେ କଳ ବଳ ଲଗାଇ ଜମି ହାତେଇବାକୁ ଚେଷ୍ଟା କରୁଛନ୍ତି। କେତେକ କ୍ଷେତ୍ରରେ ସଫଳତା ପାଉଥିବା ବେଳେ ଆଉ କେତେକ ଘଟଣାକୁ ନେଇ ହିଂସାକାଣ୍ଡ ବି ହେଉଛି। ତେବେ ଏହାରି ଭିତରେ ଗୋବର୍ଦ୍ଧନ ମଠ ଜମି ମାଡି ବସିବାକୁ ମଧ୍ୟ ହୋଇଛି ଉଦ୍ୟମ। କେହି ଦୁର୍ବୃତ୍ତ ମଠ ପରିସରରେ ଥିବା ପୂର୍ବ ଶଙ୍କରାଚାର୍ଯ୍ୟମାନଙ୍କ ସମାଧି ଭାଙ୍ଗି ଦେଇଛନ୍ତି। ସମାଧିଗୁଡ଼ିକୁ ଭାଙ୍ଗି ସେହି ଜାଗାଗୁ ଅକ୍ତିଆର କରିବା ଲାଗି ଏଭଳି କରାଯାଇଥିବା ମଠ କର୍ମଚାରୀମାନେ କହିଛନ୍ତି। ବର୍ତ୍ତମାନ ମଠରେ ଶଙ୍କରାଚାର୍ଯ୍ୟ ନାହାନ୍ତି। ଧାର୍ମିକ କାର୍ଯ୍ୟରେ ଯୋଗଦେବାକୁ ବାହାରକୁ ଯାଇଛନ୍ତି। ଏଭଳି ସ୍ଥିତିରେ ମଠ ଜମି ହଡ଼ପ କରିବାକୁ ମସୁଧା ହୋଇଥିବା କୁହାଯାଉଛି।

ହିନ୍ଦୁ ଧର୍ମର ପୁନଃ ସ୍ଥାପନା ବେଳେ ଆଦି ଶଙ୍କରାଚାର୍ଯ୍ୟ ଭାରତର ଚାରିଦିଗରେ ୪ଟି ମଠ ସ୍ଥାପନା କରିଥିଲେ। ତନ୍ମଧ୍ୟରୁ ପୂର୍ବ ଦିଗରେ ପୁରୀର ମହୋଦଧି ତୀରରେ ପ୍ରତିଷ୍ଠିତ ଏହି ମଠ ଗୋବର୍ଦ୍ଧନ ପୀଠ ବା ଗୋବର୍ଦ୍ଧନ ମଠ ନାମରେ ପ୍ରସିଦ୍ଧ। ଚାରି ମଠରେ ୪ ଜଣ ପ୍ରମୁଖ ଶିଷ୍ୟଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ଏହି ପ୍ରମୁଖ ଶିଷ୍ୟଙ୍କ ସ୍ଥାନ ଗ୍ରହଣ କରିଥିବା ମଠାଧୀଶ ଶଙ୍କରାଚାର୍ଯ୍ୟ ଭାବରେ ପରିଚିତ ହେଲେ। ଗୋବର୍ଦ୍ଧନ ପୀଠର ପ୍ରଥମ ଶଙ୍କରାଚାର୍ଯ୍ୟ ହେଉଛନ୍ତି ପଦ୍ମପାଦାଚାର୍ଯ୍ୟ। ସମଗ୍ର ପୂର୍ବ ଭାରତ ସହ ଆସାମ, ଅରୁଣାଚଳ ପ୍ରଦେଶ, ସିକିମ, ଭୁଟାନ, ତ୍ରିପୁରା, ମେଘାଳୟ, ମିଜୋରାମ ତଥା ଉତ୍ତରପ୍ରଦେଶର ପ୍ରୟାଗ ପର୍ଯ୍ୟନ୍ତ ଏହି ପୀଠର ଅନ୍ତର୍ଗତ। ତେବେ ନିରଞ୍ଜନ ଦେବତୀର୍ଥଙ୍କ ପରେ ବର୍ତ୍ତମାନ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ରହିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ମଠର ଜମିକୁ ଏବେ ମାଫିଆ ମାଡିବାକୁ ଯୋଜନା କରୁଛନ୍ତି। ମଠ ପରିସରରେ ପୂର୍ବ ଶଙ୍କରାଚାର୍ଯ୍ୟମାନଙ୍କ ସମାଧିସ୍ଥଳ ରହିଛି। ଶୁଣାଯାଏ ପୂର୍ବରୁ ୧୧୦ରୁ ଅଧିକ ଶଙ୍କରାଚାର୍ଯ୍ୟଙ୍କ ସମାଧି ଏଠାରେ ଥିଲା। ବର୍ତ୍ତମାନ ପ୍ରାୟ ୧୭ଟି ସମାଧି ସ୍ଥଳ ଦେଖିବାକୁ ମିଳୁଛି। ପ୍ରାୟ ୪ ଡେସିମିଏ ଜମି ଉପରେ ଏହି ସମାଧିଗୁଡ଼ିକ ରହିଛି। ହେଲେ କେହି ଦୁର୍ବୃତ୍ତ ବୁଧବାର ରାତିରେ ଏହାର ପାଚେରୀ ସହିତ କିଛି ସମାଧି ଭାଙ୍ଗିଦେଇଛି। ତେବେ ଏ ନେଇ ଖୁବ୍‌ଶୀଘ୍ର ଆଇନଗତ ପଦକ୍ଷେପ ନିଆଯିବ ବୋଲି ମଠର ଜଣେ କର୍ମଚାରୀ କହିଛନ୍ତି।

# ଦୋକାନରେ ପଶି ଆକ୍ରମଣ; ଗୁରୁତର ଅବସ୍ଥାରେ ଯୁବକ ହସ୍ପିଟାଲରେ ଭର୍ତ୍ତି

**ପୁରୀ, ୧୪।୬(ସମିସ):** ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ସମ୍ପୃକ୍ତ ଯୁବକ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ମୁଣ୍ଡ ଏବଂ ଶରୀରରେ ଗଭୀର ଆଘାତ ଲାଗିଛି। ଗୁରୁତର ଜଣଙ୍କ ଗୁଡ଼ିଆ ସାହିର ସନ୍ଦୀପ ପାଢ଼ୀ। ସୂଚନା ଯେ, ବଡଦାଣ୍ଡସ୍ଥିତ ସନ୍ତୋଷୀ ଟେକ୍ସଟାଇଲରେ ବର୍ଷେ ହେବ ସନ୍ଦୀପ କାମ କରିଆସୁଥିଲେ। ଶୁକ୍ରବାର ଅପରାହ୍ନରେ ସେ ଟେକ୍ସଟାଇଲରେ କାମ କରୁଥିବାବେଳେ ଦୁଇଜଣ ହଠାତ୍ ଦୋକାନ ଭିତରେ ପଶି ସନ୍ଦୀପଙ୍କୁ ଏକ କଟୁରୀରେ ମରଣାତ୍ମକ ଆକ୍ରମଣ କରିବାରୁ ତାଙ୍କ ମୁଣ୍ଡ ଏବଂ ଶରୀରରେ ଗଭୀର ଆଘାତ ଲାଗିଛି। ଦୁର୍ବୃତ୍ତଦ୍ୱୟ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ସଙ୍ଗେ ସଙ୍ଗେ ସନ୍ଦୀପଙ୍କୁ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଖବର ପାଇ ଟାଉନ ଥାନା ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲା। ପ୍ରତ୍ୟକ୍ଷଦର୍ଶୀ ଏବଂ ଟେକ୍ସଟାଇଲ ମାଲିକଙ୍କୁ ଘଟଣା ବିଷୟରେ ପଚାରି ବୁଝିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ପୁଲିସ ଚଢାଉ କରିବା ପରେ ଜଣେ ନାବାଳକଙ୍କୁ କାବୁ କରିଛି। ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ଚଢାଉ ଜାରି ରଖିଥିବା ଆଇଆଇସି ସୁନୀଲ ପ୍ରଧାନ କହିଛନ୍ତି। ଏହାର କାରଣ କିଛି ସ୍ପଷ୍ଟ ଜଣାପଡ଼ି ନାହିଁ। ଖୁବ୍‌ଶୀଘ୍ର ଘଟଣା ଉପରୁ ପରଦା ହଟିବ ବୋଲି ପୁଲିସ୍ କହିଛି।



ଦେବସ୍ନାନ ପୂର୍ଣ୍ଣିମା ନୀତିକାନ୍ତି ସମ୍ପାଦନା ନେଇ ଛତିଶା ନିଯୋଗ ବୈଠକ

# ସଂସ୍କୃତି କନିଷ୍ଠ ବୃତ୍ତି ପାଇଁ ଶୁଭସ୍ମିତା ବଳ ମନୋନୀତ

**ପୁରୀ, ୧୪।୬(ସମିସ):** ଓଡ଼ିଶୀ ନୃତ୍ୟଶିଳ୍ପୀ ଶୁଭସ୍ମିତା ବଳ ଭାରତ ସରକାରଙ୍କ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ସାଂସ୍କୃତିକ ପ୍ରଶିକ୍ଷଣ କେନ୍ଦ୍ର ପକ୍ଷରୁ ୨୦୨୩/୨୪ ବର୍ଷ ପାଇଁ ସଂସ୍କୃତି କନିଷ୍ଠ ବୃତ୍ତି ପାଇବା ଲାଗି ମନୋନୀତ ହୋଇଛନ୍ତି। ୧୪ ବର୍ଷୀୟା ଶୁଭସ୍ମିତା ଏବେ ଶ୍ରୀକ୍ଷେତ୍ରର ଅଗ୍ରଣୀ ପ୍ରାଚୀନ ସଙ୍ଗୀତ ଅନୁଷ୍ଠାନ ଲିଙ୍ଗରାଜ କଳା ନିକେତନରେ ଆନ୍ତର୍ଜାତୀୟ ନୃତ୍ୟ ଗୁରୁ ମନୋଜ କୁମାର ପ୍ରଧାନଙ୍କଠାରୁ ଓଡ଼ିଶୀ ନୃତ୍ୟ ଶିକ୍ଷା ଲାଭ କରୁଛନ୍ତି। ନୃତ୍ୟକୁ ଆଦର କରୁଥିବା ଶୁଭସ୍ମିତା ହେଉଛନ୍ତି ବିଭୂରଞ୍ଜନ ବଳ ଏବଂ ସଙ୍ଗୀତା ବଳଙ୍କର ଏକମାତ୍ର କନ୍ୟା। ଏଲ୍‌ଆଇସି କଲୋନୀ ନିକଟରେ ରହୁଥିବ ଶୁଭସ୍ମିତା ଘୋଡାବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ନବମ ଶ୍ରେଣୀରେ ପଢୁଛନ୍ତି।

## ବେଳାଭୂମିରେ ରଜ ଉତ୍ସବ 'ଝୁମର'

# ରଜ ଦୋଳି, ପିଠା ଓ ପାନର ମଜାନେଲେ ପର୍ଯ୍ୟଟକ



ପୁରୀ, ୧୪।୬(ସମିସ)

ପୁରୀ ଜିଲ୍ଲା ସ୍ୱେଚ୍ଛାସେବୀ ସଙ୍ଗଠନ ଦି ବେଲ୍‌ର ୱିମେନସ୍ କ୍ଲବ ତରଫରୁ ପୁରୀ ବେଳାଭୂମିରେ ଆୟୋଜିତ ହେଇଛି ରଜ ଉତ୍ସବ 'ଝୁମର'। ପହିଲି ରଜ ଅବସରରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଜ୍ଞା ପ୍ରିୟଦର୍ଶିନୀ ଏହାକୁ ଉଦ୍‌ଘାଟନ କରିଥିଲେ। ଦି ବେଲ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ହଜି ଯାଉଥିବା ପରମ୍ପରାକୁ ଆଗାମୀ ପିଢୀ ପାଖରେ ପହଞ୍ଚାଇବା ସହିତ ପର୍ଯ୍ୟଟକଙ୍କୁ ଓଡ଼ିଶାର ଏହି ନିଆରା ପର୍ବ ସହିତ ପରିଚିତ କରିବା ଲାଗି ବେଳାଭୂମିରେ ଏହା ଆୟୋଜିତ ହୋଇଛି ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଲୋକାଭିମୁଖୀ କରିବା ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଅନୁଷ୍ଠାନ ତରଫରୁ ରଜ ଦୋଳି ଖେଳ, ଅଳତା ଲଗା, ଲୁଡୁ ପାଲି, ରଜ ସମ୍ପର୍କିତ ପ୍ରଶ୍ନୋତ୍ତର, ମ୍ୟୁଜିକ୍ ଚେୟାର ଇତ୍ୟାଦି ଖେଳ ଆୟୋଜନ କରାଯାଇଥିଲା। ଏହା ଓମେନ୍ସ କ୍ଲବ ଦ୍ୱାରା ପ୍ରାୟ ୨ ହଜାର ବିଭିନ୍ନ ପାରମ୍ପରିକ ପିଠା, ମିଠା ଏବଂ ରଜ ପାନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପର୍ଯ୍ୟଟକଙ୍କୁ ବଣ୍ଟା ଯାଇଥିଲା। ପର୍ଯ୍ୟଟମାନଙ୍କୁ ରଜ ସମ୍ପର୍କରେ ଇଂରାଜୀ, ବଙ୍ଗାଳୀ ଓ ହିନ୍ଦୀ ଭାଷାରେ ବୁଝାଇବା ପାଇଁ ସ୍ୱତନ୍ତ୍ର ସ୍ୱେଚ୍ଛାସେବୀ ନିଯୁକ୍ତ କରାଯାଇଥିଲା। ଏହି ଅବସରରେ ସହରରେ ପାରମ୍ପରିକ ପିଠା ପ୍ରସ୍ତୁତ କରି ସୁନାମ ଅର୍ଜନ କରିଥିବା ଅନୁଷ୍ଠାନ ମୋ ବୋଉ ପ୍ରୋପାଇଟର ବନପ୍ରୀୟା ନାୟକଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଦି ବେଲ୍ ଓମେନ୍ସ କ୍ଲବ୍ ସମ୍ପାଦିକା ରାଜଲକ୍ଷ୍ମୀ ଦାସ, ଅର୍ଥ ସମ୍ପାଦିକା ମିନତି ନାୟକ, ଶାନ୍ତିଲତା ପ୍ରଧାନ, କେ. ସୁଭାଷିନୀ, ପାର୍ବତୀ ରାଭା, ନରମଦା ମହକୁଡ଼, ଝିଲି ସେଠୀ, ବନିତା ଦୀକ୍ଷିତ ପ୍ରମୁଖ ପରିଚାଳନା କରିଥିଲେ।

# ପାନ୍ଥ ନିବାସରେ ରଜ ଉତ୍ସବ



ପୁରୀ, ୧୪।୬(ସମିସ)

ସମସ୍ତ ଓଡ଼ିଆଙ୍କ ପାଇଁ ରଜ ପର୍ବର ମହତ୍ତ୍ୱ ଅବର୍ଣ୍ଣନୀୟ। ରଜ ଆମ ଓଡ଼ିଆ ମାନଙ୍କର ବଡ଼ ପର୍ବ। ଏହି ଦିବସରେ ଘରେ ଘରେ ପିଠାପଣାର ଆସର ଜମିଥାଏ। ଦୋଳି ଖେଳ, କବାଡି ଖେଳ, ଲୁଡୁ, ତାସ ଇତ୍ୟାଦି ଖେଳ ମଧ୍ୟ ଆନନ୍ଦ ଦେଇଥାଏ ଏହି ପର୍ବରେ। ରଜ ଉତ୍ସବକୁ ଶୁକ୍ରବାର ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପୁରୀ ପକ୍ଷରୁ ପାନ୍ଥଭବନଠାରେ ପାଳନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲ୍ଲାପାଳ ଗୋପୀନାଥ କୁଅଁର ପ୍ରମୁଖ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପରେ ପାରମ୍ପରିକ ପୋଡ, ମଣ୍ଡା, କାକରା, ଆରିସା ଇତ୍ୟାଦି ପିଠା ସହ ପାନର ବ୍ୟବସ୍ଥାକୁ ମଧ୍ୟ ଅତିଥି ମାନେ ଉଦ୍‌ଘାଟନ କରିଥିଲେ।



ଏହି କାର୍ଯ୍ୟକ୍ରମରେ ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ସରୋଜକାନ୍ତ ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ପାନ୍ଥନିବାସ ପରିଚାଳକ ଚନ୍ଦ୍ରକାନ୍ତ ଦାସ, ଦିଲ୍ଲୀପ ବାରିକ, ବିଶ୍ୱ ରଞ୍ଜନ ପ୍ରତାପସିଂ, ବଦ୍ରି ଦାଶ, ବ୍ୟୋମୋକେଶ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

## ଗାଁରୁ ସହର ଉତ୍ସବମୁଖର, ଆମିଷ ବାରିକୁ ଜମିଲା ଭିଡ଼

# ରଜ ପାଗ; ରଜ ପାନ

ନୟାଗଡ଼, ୧୪।୬(ସମିସ): ଗ୍ରୀଷ୍ମ ଋତରୁ ଉଷ୍ମ ବାତାବରଣ କମିଛି। ଜିଲ୍ଲା ସାରା ପହିଲି ରଜରେ ରଜପାଗ ପର୍ବକୁ ମନମତାଣିଆ କରିଛି। ଆଜି ଦିନ ତମାମ୍ ନୟାଗଡ଼ରେ ଖରା ନଥିବା ବେଳେ ହାଲୁକା ଥଣ୍ଡା ପବନ ବେଶ୍ ଆରାମ ଦାୟକ ହୋଇଛି। କିଛି ସ୍ଥାନରେ ସାମାନ୍ୟ ବର୍ଷା ପାଗକୁ ଆହୁରି ମତାଣିଆ କରି ଦେଇଛି। ରଜ ପର୍ବ ପାଇଁ ଗାଁଠାରୁ ସହର ଉତ୍ସବ ମୁଖର ହୋଇଛି। ପହିଲି ରଜରେ ବିଭିନ୍ନ ସ୍ଥାନରେ ରଜ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଗାଁ ଗହଳୀରେ ଦୋଳି, ତାସ ଖେଳ ମଜା ଲୋକେ ନେଉଛନ୍ତି। ଅନେକ ପରିବାରରେ ପିଠାପଣା କରାଯାଇଥିବା ବେଳେ ଶୁକ୍ରବାର ଆମିଷ ବାରି ଥିବାରୁ ଛାଡଖାଇ ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ବିଭିନ୍ନ ମାଛ, ମାଂସ ଦୋକାନରେ ଗହଳୀ ଲାଗି ରହିଥିବା ଦେଖାଯାଇଛି। ନୟାଗଡ଼ ସହରରେ ମଧ୍ୟ ବିଭିନ୍ନ ସ୍ଥାନରେ ରଜପର୍ବ ପାଳନ କରାଯାଇଛି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବେଶ ଉତ୍ସାହର ସହିତ ରଜପର୍ବ ପାଳନ କରାଯାଇଛି। ନୟାଗଡ଼ ସହର ସମେତ ବିଭିନ୍ନ ଗାଁ ଗହଳୀରେ ରଜପାନ ଦୋକାନରେ ନାହିଁ ନଥିବା ଭିଡ ଦେଖିବାକୁ ମିଳିଛି। ନୟାଗଡ଼ ସହରର ବିଭିନ୍ନ ସ୍ଥାନରେ ଖୋଲିଥିବା ରଜପାନ ଦୋକାନରେ ଭିନ୍ନ ଭିନ୍ନ ସ୍ୱାଦ ଓ ଭିନ୍ନ ଭିନ୍ନ ପ୍ରକାରର ପାନ ବିକ୍ରି ହେଉଛି। ସହରରେ ପାନ ଖଣ୍ଡକ ପ୍ରତି ୧୦ରୁ ଆରମ୍ଭ କରି ୫୦ ଟଙ୍କା ଯାଏଁ ରହିଛି। ଗୋଟା ପାନରେ ସାମାନ୍ୟ ଚୂନ ସହ ବିଭିନ୍ନ ପ୍ରକାର ରଙ୍ଗ ବେରଙ୍ଗ ମିଠା ମସଲା ପାନର ସ୍ୱାଦକୁ ବୃଦ୍ଧି କରୁଛି। ଅନେକ ସ୍ଥାନରେ ଫାୟାର୍ ପାନ ବିକ୍ରି କରାଯାଉଛି। ପାନ ଉପରେ ଲବଙ୍ଗ ରଖି ସେଥିରେ ନିଆଁ ଲଗାଇ ଖାଇବାକୁ ଦିଆଯାଉଛି। ଯାହା ପାନର ସ୍ୱାଦକୁ ଆହୁରି ବୃଦ୍ଧି କରୁଛି। ତିନି ଦିନ ରଜ ପାଳନ ହେବାକୁ ଥିବା ବେଳେ ପାନ ବ୍ୟବସାୟୀମାନେ ଭଲ ଦୁଇ ପଇସା ରୋଜଗାର କରିବାକୁ ଲକ୍ଷ ରଖିଥିବା ନୟାଗଡ଼ ବସଷ୍ଟାଣ୍ଡରେ ବ୍ୟବସାୟ କରୁଥିବା ବୃନ୍ଦାବନ ମହାନ୍ତି କହିଛନ୍ତି।






### 'ସୃଜନିକା' ପକ୍ଷରୁ ରଜପର୍ବ

ନୟାଗଡ଼, ୧୪।୬(ସମିସ): ଓଡ଼ିଶା ସଂସ୍କୃତି ଓ ପରମ୍ପରାରେ ବାର ମାସରେ ତେର ପର୍ବ। ଏଇ ପର୍ବ ପର୍ବାଣୀ ମଧ୍ୟରେ ଭାଇଚାରାର ସମ୍ପର୍କ ଗଢ଼ି ଉଠେ। ସମସ୍ତଙ୍କ ମଧ୍ୟରେ ଆନନ୍ଦ ଓ ଉଲ୍ଲାସ ବୃଦ୍ଧି ଘଟିଥାଏ ବୋଲି 'ସୃଜନିକା' ରଜ ପର୍ବରେ ଅତିଥିମାନେ ନିଜ ନିଜର ବକ୍ତବ୍ୟରେ ପ୍ରକାଶ କରିଥିଲେ। ଶୁକ୍ରବାର ପୂର୍ବାହ୍ନରେ ସ୍ଥାନୀୟ ବଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର, ଅବସରପ୍ରାପ୍ତ ଅଧ୍ୟାପିକା ପ୍ରିୟମ୍ବଦା ଦାଶ ଓ ସମ୍ବର୍ଦ୍ଧନା ପରିବାରର ସଭାପତି ନିରାକାର ସ୍ୱାଇଁ ଯୋଗ ଦେଇଥିଲେ। ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଆୟୋଜନ ହୋଇଥିଲା। କବିତା ଗୁଡ଼ିକୁ ହରପ୍ରିୟା ଦ୍ୱିବେଦୀ ଓ ନୀଳମାଧବ ମିଶ୍ର ସଂଯୋଜନା କରିଥିଲେ। ଅତିଥିମାନେ ବରିଷ୍ଠ ସାହିତ୍ୟିକ ଗୋଲକ ବିହାରୀ ନାୟକ, ବରିଷ୍ଠ କବୟିତ୍ରୀ ପ୍ରିୟମ୍ବଦା ଦାଶ, ବରିଷ୍ଠ କବି ବିରେନ୍ କୁମାର ହୋତା, ଆଦର୍ଶ କବୟିତ୍ରୀ ପ୍ରିୟଦର୍ଶିନୀ ମହାପାତ୍ର ଓ ଆଦର୍ଶ ସାହିତ୍ୟ ସଂଗଠକ ଦୀନବନ୍ଧୁ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୃଜନିକା ଉପସଭାପତି ଅଧ୍ୟାପିକା ନିଳୀମା ନନ୍ଦ ପରିଷଦ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିବା ବେଳେ ସଚିବ ଡ଼. ନିର୍ମଳ ଚନ୍ଦ୍ର ଶୂରଦେଓ ପରିଚାଳନା କରିଥିଲେ।

## ମା' ଉମାଦେବୀଙ୍କ ରଜ ମହୋତ୍ସବ ଉଦ୍‌ଘାଟିତ

ଖଣ୍ଡପଡ଼ା, ୧୪।୬(ସମିସ): ଖଣ୍ଡପଡ଼ା ସହରାଞ୍ଚଳରେ ଥିବା ମା' ଉମାଦେବୀଙ୍କ ପୀଠରେ ୪ଦିନ ଧରି ହେବାକୁ ଥିବା ରଜ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଗିରିଜା ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ପ୍ରଥମ ସନ୍ଧ୍ୟାରେ ଖଣ୍ଡପଡ଼ା ଏସ୍‌ଡିପିଓ ବିମଳ କୁମାର ବାରିକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମଞ୍ଚ ଉଦ୍‌ଘାଟନ କରିଥିଲେ। ଶ୍ରୀ ବାରିକ ମହୋତ୍ସବର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଶାନ୍ତିଶୃଙ୍ଖଳା ଓ ଭାଇଚାରା ବଜାୟ ରଖିବା ପାଇଁ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ। ଖଣ୍ଡପଡ଼ାର ଅଗ୍ରଣୀ ଧାର୍ମିକ ଅନୁଷ୍ଠାନ ମା' ଉମାଦେବୀ ଉନ୍ନୟନ ପରିଷଦ ପକ୍ଷରୁ ୧୭ ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପି ହୋମଯଜ୍ଞ, ପୂଜାର୍ଚ୍ଚନା, ପୌରାଣିକ ନାଟକ, କିଶୋରୀମାନଙ୍କ ଦ୍ୱାରା ରଜ କୁଇନ ପ୍ରତିଯୋଗିତା, ନୃତ୍ୟ, ଲୋକକଳା ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଖୁବ ଧୂମଧାମରେ ପାଳନ ହେବ ବୋଲି ପରିଷଦ ପକ୍ଷରୁ ସୂଚନା ମିଳିଛି। ଉତ୍ସବର ପ୍ରାରମ୍ଭରେ ଦର୍ଶକ ଏବଂ ଶ୍ରଦ୍ଧାଳୁମାନେ ମା' ଉମାଦେବୀଙ୍କୁ ଦର୍ଶନ କରିବା ସହିତ ମହୋତ୍ସବକୁ ଆନନ୍ଦର ସହ ଉପଭୋଗ କରିଥିବା ଜଣାପଡ଼ିଛି। ଏଠାରେ ସୁସଜିତ ରଜ ଦୋଳିରେ ଝିଅ ବୋହୂମାନେ ଦୋଳି ଖେଳି ଖୁସି ହେଉଥିବାର ଦେଖିବାକୁ ମିଳିଥିଲା। କେବଳ ସେତିକି ନୁହେଁ ଖଣ୍ଡପଡ଼ାରେ ବିକ୍ରି ହେଉଥିବା ରଜପାନର ଚାହିଦା ଅଧିକ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ ପରିଷଦର ସମ୍ପାଦକ ପ୍ରଦୀପ୍ତ କିଶୋର ମିଶ୍ର ଏବଂ ଯାତ୍ରା କମିଟି ସଭାପତି ବିଦ୍ୟାରଞ୍ଜନ ଡାକୁଆ, ସୁଶାନ୍ତ କୁମାର ମହାରଣାଙ୍କ ସମେତ ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ। ଉକ୍ତ ଉତ୍ସବରେ ରଜ କୁଇନ ପ୍ରତିଯୋଗିତାରେ ଭାଗ ନେଉଥିବା ପ୍ରତିଯୋଗୀଙ୍କୁ ଚୟନ ଆଧାରରେ ଉତ୍ସବର ଅନ୍ତିମ ସନ୍ଧ୍ୟାରେ ପୁରସ୍କୃତ କରାଯିବ ବୋଲି ସୂଚନା ରହିଛି। ଉତ୍ସବକୁ ଶାନ୍ତିଶୃଙ୍ଖଳା ସହ ସମାପନ କରିବା ପାଇଁ ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି।



### ଗୋହିରିଆପଡ଼ା ରଜ ମହୋତ୍ସବ ଉଦ୍‌ଘାଟିତ

## 'ତୁ ରଜା ଝିଅ ମୁଁ ରିକ୍ସା ବାଲା' ନାଟକ ମଞ୍ଚସ୍ଥ



ଖଣ୍ଡପଡ଼ା, ୧୪।୬(ସମିସ): ଖଣ୍ଡପଡ଼ା ବ୍ଲକ ରାଣୀଛେଲି ପଞ୍ଚାୟତ ଅଧୀନ ଗୋହିରିଆପଡ଼ାରେ ଶୁକ୍ରବାର ସନ୍ଧ୍ୟାରେ ପାରମ୍ପରିକ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ରଜନୀରେ ଗୋପାଳ ସାହି ପକ୍ଷରୁ ସାମାଜିକ ନାଟକ 'ତୁ ରଜା ଝିଅ ମୁଁ ରିକ୍ସା ବାଲା' ନାଟକ ମଞ୍ଚସ୍ଥ ହୋଇଥିବା ବେଳେ ନୟାଗଡ଼ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ମଞ୍ଚକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ଆୟୋଜକ ଯୁବଗୋଷ୍ଠୀଙ୍କୁ ଉଚ୍ଚ ପ୍ରଶଂଶା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ପରିଷଦ ତଥା ଜିଲ୍ଲା ବିଜେଡି ଉପସଭାପତି ନିରଞ୍ଜନ ବେହେରା, ନାଟ୍ୟ ନିର୍ଦ୍ଦେଶକ ଅମୀୟ ସାମନ୍ତରାୟ, ସରପଞ୍ଚ ପ୍ରତିନିଧି ଆଲୋକ ବେହେରା, ୱାର୍ଡ ସଭ୍ୟଙ୍କ ସମେତ ଗ୍ରାମ୍ୟ କମିଟି ଓ ନାଟ୍ୟ ପରିଷଦର ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ଭାଇଚାରା ବଜାୟ ରଖିବା ସହିତ ନିଜ ଅଞ୍ଚଳର କଳା ସଂସ୍କୃତି ବଞ୍ଚାଇ ରଖିବା ପାଇଁ ସମସ୍ତଙ୍କୁ ସଚେତନ କରାଇଥିଲେ। ତେବେ ଏହି ରଜ ମହୋତ୍ସବ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବା ସହିତ ୧୫ ତାରିଖରେ 'ସିନ୍ଦୁର ଦେଖିଲେ ଡର ଲାଗୁଛି', ୧୬ ତାରିଖରେ 'ଏ ଆଖି କାନ୍ଦୁଛି ତୋରି ପାଇଁ', ୧୭ ତାରିଖରେ 'କାନ୍ଦିବାକୁ ଆଖି କରୁଛି ମନା' ନାଟକ ପରିବେଷଣ ହେବ ବୋଲି ଗ୍ରାମବାସୀଙ୍କ ଠାରୁ ସୂଚନା ମିଳିଛି। ପ୍ରଥମ ରଜନୀରେ ପ୍ରାୟ ୫ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ନାଟକ ଉପଭୋଗ କରିଥିବା ଜଣାପଡ଼ିଛି।

## ମା' ଝଡେଶ୍ୱରୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ





ଶରଣକୁଳ, ୧୪।୬(ସମିସ): ନୟାଗଡ଼ ଜିଲ୍ଲାର ପ୍ରସିଦ୍ଧ ଦେବପୀଠ ଶରଣକୁଳ ମା' ଝଡେଶ୍ୱରୀ ପୀଠରେ ୩ ଦିନ ଲାଗି ରଜଯାତ୍ରା ଓ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ଠାରୁ ଆରମ୍ଭ ହୋଇଯାଇଛି। ସକାଳେ ଯଜ୍ଞ ପୀଠରେ ଅଙ୍କୁରାରୋପଣ ପରେ ଗ୍ରାମବାସୀ ମାନେ ନିକଟସ୍ଥ କୁସୁମୀ ନଦୀରୁ ଶହେ ଆଠ କଳସ ଜଳ ଧରି ଗ୍ରାମ ପରିକ୍ରମା କରି ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ସେଠାରେ ମା'ଙ୍କୁ ଷୋଡଷ ଉପଚାରରେ ପୂଜାର୍ଚ୍ଚନା ଓ ମାଜଣା ପରେ ନିମନ୍ତ୍ରିତ ପୁରୋହିତମାନେ ଯଜ୍ଞ ସ୍ଥଳରେ ପୂଜାର୍ଚ୍ଚନା କରି ଯଜ୍ଞ କୁଣ୍ଡରେ ଅଗ୍ନି ସ୍ଥାପନ କରିଥିଲେ। ପରେ ସମସ୍ତ ଦେବଦେବୀ ଆବାହନ କରାଯାଇ ଘୃତାହୂତି ପ୍ରଦାନ କରାଯାଇଥିଲା। ୨ ଦିନଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁ ରହିବ ଆଜି ପହିଲି ରଜରେ ଓଡ଼ିଆ ଜାତିର ପରମ୍ପରାକୁ ନେଇ ଘରେ ଘରେ ସୁସ୍ୱାଦୁ ଖାଦ୍ୟ ସହିତ ପିଠାଖାଇ କୁଆରୀ ଝିଅମାନେ ରଜ ଦୋଳିର ମଜା ନେଇଥିଲେ।

## ଜମିବାଡ଼ି ବିବାଦକୁ ନେଇ ମରଣାନ୍ତକ ଆକ୍ରମଣ

ଭାପୁର, ୧୪।୬(ସମିସ):ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା କରବର ପଞ୍ଚାୟତ ମାଣିତ୍ରୀ ଗ୍ରାମରେ ଏକ ଜମିବାଡ଼ି ଗଣ୍ଡଗୋଳକୁ ନେଇ ଗୋଟିଏ ପରିବାରର ଲୋକମାନେ ଆଉ ଏକ ପରିବାର ଉପରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏଥିରେ ଜଣେ ନାବାଳିକା ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛି।ମାଣିତ୍ରୀ ଗ୍ରାମର ରାଜକିଶୋର ନାୟକ ତାଙ୍କର ପଡୋଶୀ ପ୍ରକାଶ ନାୟକଙ୍କୁ କିଛି ଜମି ବିକ୍ରି କରିବା ପାଇଁ ଚାରି ବର୍ଷ ପୂର୍ବେ ଟଙ୍କା ଆଣିଥିଲେ।ମାତ୍ର ଜମି ରେଜିଷ୍ଟ୍ରେସନ କରିନଥିଲେ।ଏହି ଜମି ରେଜିଷ୍ଟ୍ରେସନ ପାଇଁ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ରହିଥିଲା।ଗୁରୁବାର ଦିନ ପ୍ରକାଶ ନାୟକ ଓ ତାଙ୍କ ପରିବାର ରାଜକିଶୋର ନାୟକଙ୍କୁ ଆକ୍ରମଣ କରିଥିଲେ।ଏହି ଆକ୍ରମଣ ସମୟରେ ରାଜକିଶୋର ନାୟକଙ୍କ ପନ୍ଦର ବର୍ଷର ଝିଅ ମାନୀ ପ୍ରକାଶ ନାୟକଙ୍କ ଠେଙ୍ଗା ମାଡରେ ଗୁରୁତର ହୋଇଛି।ଏ ନେଇ ଫତେଗଡ଼ ଥାନାରେ ମାମଲା ରୁଜୁ ହୋଇ ଆକ୍ରମଣ କରିଥିବା ପ୍ରକାଶ ନାୟକ ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ନାୟକଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଓଡ଼ଗାଁରେ ଅରୁଣଙ୍କ କୃତଜ୍ଞତା ସଭା



ଓଡ଼ଗାଁ, ୧୪।୬ (ସମିସ): ଚଳିତ ସାଧାରଣ ନିର୍ବାଚନ ୨୦୨୪ରେ ୫ଥର ନୟାଗଡ଼ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ଡ. ଅରୁଣ କୁମାର ସାହୁ ଶୁକ୍ରବାର ଅପରାହ୍ନରେ ଓଡ଼ଗାଁ ବ୍ଲକ ରୋଡ଼ କଲ୍ୟାଣୀ ମଣ୍ଡପ ଠାରେ ଆୟୋଜିତ କୃତଜ୍ଞତା ସଭାରେ ଯୋଗଦେଇ ମୋ ପ୍ରତି ଆପଣମାନଙ୍କ ଗଭିର ବିଶ୍ୱାସ ଓ ଭରସା ପୂର୍ବପରି ରହିଛି। ନୟାଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମର୍ଥକ, କର୍ମି ଓ ନେତୃତ୍ୱ ନେଇଥିବା ନେତା ଓ ଜନପ୍ରତିନିଧିଙ୍କ ଉଦ୍ୟମରେ ଓଡ଼ଗାଁ ଏନ୍‌ଏସି ଓ ବ୍ଲକର ଜନସାଧାରଣ ମୋତେ ଆଶୀର୍ବାଦ କରିଥିବାରୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଚଳିତ ନିର୍ବାଚନରେ ଜନମତ ବଦଳିଛି। ନୂଆଦଳ ସରକାର ଗଠନ କରିଛନ୍ତି। ପରିସ୍ଥିତି ଯାହାହେଉନା କାହିଁକି ମୁଁ ସବୁବେଳେ ଆପଣଙ୍କ ପାଖରେ ଥିଲି, ଅଛି ଏବଂ ରହିବି। କିନ୍ତୁ ଗୋଟିଏ କଥା ସମସ୍ତେ ମନେରଖିବେ ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ଶାନ୍ତି ଯେପରି ବ୍ୟାହତ ନରୁହେ ବୋଲି କହିଥିଲେ। କୃତଜ୍ଞତା ସଭାରେ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ବିଜେଡ଼ି ନେତ୍ରୀ ଇରାନୀ ରାୟ, ନିତ୍ୟାନନ୍ଦ ପ୍ରଧାନ, ବିଭୁ ସାହୁ ଓ ଅନ୍ୟାନ୍ୟ ଜନପ୍ରତିନିଧି ଏବଂ ସମର୍ଥକମାନଙ୍କ ସହିତ ପ୍ରାୟ ହଜାରରୁ ଉର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ।

### ଓଡ଼ଗାଁ କ୍ରିକେଟ ଲିଗ୍

## ଡବ୍ଲୁଟିଆର, ଏକ୍ସଷ୍ଟ୍ରିମ୍ ବ୍ଲାଷ୍ଟର୍ସ, ଲିଜେଣ୍ଡ ଏମ୍ପେରର୍ ବିଜୟୀ



ଓଡ଼ଗାଁ, ୧୪।୬ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ମିନିଷ୍ଟାଡିୟମରେ ରଘୁନାଥ ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଆୟୋଜିତ ଓଡ଼ଗାଁ କ୍ରିକେଟ ଲିଗ୍ (ଓସିଏଲ)ର ଶୁକ୍ରବାର ଚତୁର୍ଥ ଦିବସରେ ଡ଼ବ୍ଲୁଟିଆର, ଏକ୍ସଷ୍ଟ୍ରିମ ବ୍ଲାଷ୍ଟର୍ସ, ଲିଜେଣ୍ଡ ଏମ୍ପେରର୍ ୩ଦଳ ପରବର୍ତ୍ତୀ ମ୍ୟାଚକୁ ଉନ୍ନୀତ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ଡବ୍ଲୁଟିଆର ନିର୍ଣ୍ଣାୟକ ୧୦ ଓଭରରେ ୪ ୱିକେଟରେ ୧୨୫ ରନ କରିଥିବା ବେଳେ ପ୍ରତିପକ୍ଷ ପାଟଣା ଇଲେଭେନ ୯.୩ ଓଭରରେ ୧୦ ୱିକେଟ ହରାଇ ୮୮ ରନରେ ସୀମିତ ରହିଥିଲା। ଡବ୍ଲୁଟିଆର ବିଜୟୀ ଦଳର ବିଶ୍ୱଜିତ ପ୍ରଧାନ ସର୍ବଶ୍ରେଷ୍ଠ ଖେଳାଳି ଭାବରେ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ଏକ୍ସଷ୍ଟ୍ରୀମ ବ୍ଲାଷ୍ଟର୍ସ ନିର୍ଦ୍ଧାରିତ ଓଭରରେ ୬ ୱିକେଟ ବିନିମୟରେ ୧୩୯ ରନ କରିଥିବା ବେଳେ ପ୍ରତିପକ୍ଷ ଭୈରବ ଇଲେଭେନ ୮.୪ ଓଭରରେ ସମସ୍ତ ୱିକେଟ ହରାଇ ୯୭ ରନରେ ସୀମିତ ରହିଥିଲା। ବିଜୟୀ ଦଳ ଏକ୍ସଷ୍ଟ୍ରିମ ବ୍ଲାଷ୍ଟର୍ସ ଟିମର କାହ୍ନା ସର୍ବଶ୍ରେଷ୍ଠ ଖେଳାଳି ଭାବରେ ବିବେଚିତ ହୋଇଥିଲେ। ସେହିପରି ତୃତୀୟ ମ୍ୟାଚରେ ପ୍ରଥମ ଇନିଂସରେ ଇଲେଭେନ ଫାଇଟର୍ସ ନିର୍ଦ୍ଧାରିତ ଓଭରରେ ୮ ୱିକେଟ ହରାଇ ୯୮ ରନ କରିଥିବା ବେଳେ ପ୍ରତିପକ୍ଷ ଲିଜେଣ୍ଡ ଏମ୍ପୋରର ୯.୩ ଓଭରରେ ଦୁଇ ୱିକେଟ ହରାଇ ୯୯ ରନ ସଂଗ୍ରହ କରି ବିଜୟ ହାସଲ କରିଥିଲା। ବିଜୟୀ ଦଳର ପ୍ରବୀର ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅତିଥିଙ୍କ ଦ୍ୱାରା ୩ ଟି ମ୍ୟାଚରେ ସର୍ବଶ୍ରେଷ୍ଠ ବିବେଚିତ ହୋଇଥିବା ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ରଘୁନାଥ ଆଥଲେଟିକ ଆସୋସିଏସନ୍ ସମ୍ପାଦକ ଦିବାକର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବାଦଲ, ଅମିତ, ମିଥୁନ, ଗୋପାଳ, ବିଶ୍ୱଜିତ, ସୁଭମ, ବିଷ୍ଣୁ, ସୌରଭ ଖେଳ ପରିଚାଳନା କରିଥିଲେ।

### ସୁନାବେଶରେ ଝଲସିବେ ଚତୁର୍ଦ୍ଧାମୂର୍ତ୍ତି

# ସୁନା ଛାଉଣୀ ପାଇଁ ଖର୍ଚ୍ଚ ହେବ ୭ ଲକ୍ଷ

ନୟାଗଡ଼, ୧୪।୬(ସମିସ): ସୁନାବେଶରେ ଝଲସିବେ ଜଗନ୍ନାଥ। ରାଜା ରାଜୁଡା ସମୟରୁ ପ୍ରଦତ୍ତ ସ୍ୱର୍ଣ୍ଣ ଅଳଙ୍କାର ଲାଗି ହୋଇ ପ୍ରଭୁଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶ୍ରୀ ଜଗନ୍ନାଥ ସୁନାବେଶରେ ଦୁର୍ଲଭ ଦର୍ଶନ ଦେଇଥାନ୍ତି। ଦୀର୍ଘ ବର୍ଷର ଅଳଙ୍କାର ଉପରୁ ସୁନା କଲେଇ ଲେପ ଛାଡିଯିବାରୁ ଗତ ତିନି ବର୍ଷ ଧରି ଠାକୁର ସୁନାବେଶ ହୋଇପାରୁ ନାହାନ୍ତି। ପ୍ରତ୍ୟେକ ବର୍ଷ ରଥଯାତ୍ରା ପ୍ରସ୍ତୁତି ବୈଠକରେ ଏ ସଂକ୍ରାନ୍ତରେ ପ୍ରବଳ ହୋହାଲ୍ଲା ହୋଇଥିଲେ ହେଁ ଭକ୍ତଙ୍କ ଭାବାବେଗକୁ ଦେବୋତ୍ତର ବିଭାଗ ଅର୍ଥ ଅଭାବର ଆଳ ଦେଖାଇ ଦିନ ଗଡେଇ ଚାଲୁଥିଲେ। ଚଳିତ ବର୍ଷ ରଥଯାତ୍ରା ପରିଚାଳନା ପ୍ରସ୍ତୁତି ବୈଠକରେ ଉପସ୍ଥିତ ଜଗନ୍ନାଥ ପ୍ରେମୀ ସଭ୍ୟମାନେ ତୁରନ୍ତ ଅଳଙ୍କାର ମରାମତି ଏବଂ ରଥ ଉପରେ ବସି ଏକାଦଶୀ ଦିନ ଠାକୁର ସୁନାବେଶରେ ଦର୍ଶନ ଦେବା ପାଇଁ ଅଡି ବସିଥିଲେ। ଅଳଙ୍କାର ତିଆରି ଏବଂ ସୁନାବେଶକୁ ନେଇ ଗତ ତିନିବର୍ଷ ହେବ ଉଦ୍ୟମ ଜାରୀ ରଖିଥିବା ସମାଜସେବୀ ପ୍ରମୋଦ ପଟ୍ଟନାୟକ, ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ସହ ଯୋଗାଯୋଗ କରିଥିଲେ। ନିର୍ବାଚନ ପୂର୍ବରୁ ଅଳଙ୍କାର ମରାମତି ପାଇଁ ଡ. ସାହୁ ଏକ ସାଧାରଣ ସଭାରେ ଘୋଷଣା କରିଥିଲେ। କଥା ଦେଇଥିବାରୁ ଅଳଙ୍କାର ମରାମତି ପାଇଁ ଉପଜିଲ୍ଲାପାଳଙ୍କୁ ସମ୍ମତି ପ୍ରଦାନ କରିବା ସହ ଶୁକ୍ରବାର ପୂର୍ବାହ୍ନରେ ବ୍ୟକ୍ତିଗତ ଭାବେ ଦେବୋତ୍ତର ବିଭାଗ ପରିଚାଳକ ତାପସ କୁମାର ପଟ୍ଟନାୟକଙ୍କ କାର୍ଯ୍ୟାଳୟରେ ପହଞ୍ଚି ଚାରି ଲକ୍ଷ ଟଙ୍କା ଆର୍ଥିକ ସାହାଯ୍ୟ ଯୋଗାଇ ଦେବେ ବୋଲି କହିଛନ୍ତି। ଅଳଙ୍କାର ମରାମତି ପାଇଁ ଆବଶ୍ୟକ ସାତ ଲକ୍ଷ ଟଙ୍କା ମଧ୍ୟରୁ ଅବଶିଷ୍ଟ ତିନି ଲକ୍ଷ ଟଙ୍କା ବଦାନ୍ୟ ବ୍ୟକ୍ତି ବିଶେଷ ଏବଂ ଦେବୋତ୍ତର ବିଭାଗ ପକ୍ଷରୁ ସଂଗ୍ରହ କରାଯିବ ବୋଲି ଆଲୋଚନା ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦେବୋତ୍ତର ସୁପର ଭାଇଜର ସୁବାଷ ଚନ୍ଦ୍ର ବରାଳ, କାଉନସିଲର ଲକ୍ଷ୍ମୀଧର ମହାପାତ୍ର ଏବଂ ଭୀମସେନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ବିଧାୟକ ଅରୁଣ ଦେବେ ୪ ଲକ୍ଷ



## ପହିଲି ରଜ...

# ଦୋଳିଖେଳ, ବୁଲାବୁଲିରେ କଟିଲା

## ଚନ୍ଦନମୁଖୀ ବେଶରେ ଦର୍ଶନ ଦେଲେ ମା' ବରୁଣେଇ





**ଖୋର୍ଦ୍ଧା, ୧୪।୬(ସମିସ)**

ଶୁକ୍ରବାର ଧୁମ୍‌ଧାମରେ ରଜପର୍ବର ଆଦ୍ୟ ଦିନ ତଥା ପହିଲି ରଜକୁ ପାଳନ କରିଛନ୍ତି ଲୋକ। ସମସ୍ତଙ୍କ ମନରେ ଥିଲା ବେଶ ଉତ୍ସାହ ଓ ଉଦ୍ଦୀପନା। ଶୁକ୍ରବାର ସକାଳ ହେବା କ୍ଷଣି ସହର ଓ ଗ୍ରାମାଞ୍ଚଳରେ ଖେଳିଯାଇଥିଲା ପହିଲି ରଜର ଫୁଆରା। ଚଳଚଞ୍ଚଳ ହୋଇ ଉଠିଥିଲା ଗଳିକନ୍ଦି। ପାଦରେ ଅଳତା ଲଗାଇ ସକାଳୁ ଯୁବତୀମାନେ ନୂଆ ପୋଷାକ ପିନ୍ଧିବା ସହ ରଜପାନ ଖାଇ ରଜର ମଜା ଉଠାଇଥିଲେ। ଏହା ପରେ ଆରମ୍ଭ ହୋଇଥିଲା ରଜବୁଲା। ଗାଁର ଗଳିକନ୍ଦିରୁ ସହର ସବୁଠି ଜମିଥିଲା ରଜଖଟି। ରଜଦୋଳି ଖେଳି ଯୁବତୀମାନେ ପହିଲିରଜର ଭରପୁର ମଜା ଉଠାଇଥିଲେ। ଗତକାଲି ରାତିରେ ବର୍ଷା ହୋଇଥିବାରୁ ଆଜି ଦିନତମାମ ମେଘୁଆ ପାଗ ଥିଲା। ଅନ୍ୟପକ୍ଷେ ବୟସ୍କ ଓ ଯୁବକମାନେ ମଧ୍ୟ ରଜପର୍ବ ପାଳନରୁ ବାଦ ପଡ଼ିନଥିଲେ। ଘରେ ଘରେ ତାସ, ଲୁଡୁ, କ୍ୟାରମ ଖେଳର ମଜା ନେଇଥିଲେ। ଗାଁ ଗଣ୍ଡା ଆଜି ଭଳିକି ଭଳି ପାନ ଓ ସୁସ୍ୱାଦୁ ପିଠାର ବାସ୍ନାରେ ମହକୁଥିଲା।

ମା' ବରୁଣେଇଙ୍କ ପୀଠରେ ପ୍ରବଳ ଗହଳି ପରିଲକ୍ଷିତ ହୋଇଛି। ପହିଲି ରଜରେ ମା' ବରୁଣେଇ ଓ କରୁଣେଇଙ୍କ ପୀଠରେ ଏକ ସ୍ୱତନ୍ତ୍ର ପୂଜା ରୀତିନୀତି ହୋଇଆସୁଛି। ରଜ ୪ ଦିନ ମା' ବରୁଣେଇ ଓ କରୁଣେଇ ଚନ୍ଦନମୁଖୀ ବେଶରେ ଦର୍ଶନ ଦେଇଥାନ୍ତି। ମା'ଙ୍କ ଏ ବେଶ ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁ ସୁଅ ଛୁଟିଥିବା ରଜ ସମୟରେ ପରିବେଶରେ ରଜଦୋଳି ଖେଳିବାକୁ ରାଜ୍ୟର କୋଣ ଅନୁକୋଣରୁ ଶ୍ରଦ୍ଧାଳୁଙ୍କ ଜମିବା ଦେଖାଯାଇଛି। ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖି କ୍ଷୁଦ୍ର ବ୍ୟବସାୟୀ ପସରା ମେଲାଇବାରେ ଲାଗିଛନ୍ତି।

ସେହିପରି ମା'ଉଗ୍ରତାରାଙ୍କ ପୀଠରେ ୪ଦିନ ଧରି ରଜ ପାଳନ କରାଯାଇଥାଏ। ଏହି ସମୟରେ ମା'ଙ୍କ ନିକଟରେ ସ୍ୱତନ୍ତ୍ର ଭୋଗ ଲାଗି ହୋଇଥାଏ। ଏପରିକି ମହଲକ୍ଷ୍ମୀବୁଡ ଦିନ ମା'ଙ୍କୁ ହଳଦୀ, ମହୁ, ଚନ୍ଦନ, ପଇଡ ପାଣି ଦ୍ୱାରା ବସୁମତୀ ସ୍ନାନ କରାଯାଇ ବାଲଭୋଗ କରାଯାଇଥାଏ। ମଧ୍ୟାହ୍ନରେ ଶଙ୍କୁଡି ଭୋଗ କରାଯାଇଥିବାବେଳେ ଏହି ସମୟରେ ମା'ଙ୍କ ନିକଟରେ ମାଛଭୋଗ





ଦେଖାଯାଇଥିବା ବେଳେ ବିଶ୍ୱାସ ରହିଛି। ପଣସ ପତ୍ର ଠୋଲାରେ ଅରୁଆ ଚାଉଳରେ ପ୍ରସ୍ତୁତ ଖିରି, ନଡିଆ ଗୁଡରେ ତିଆରି ପୁର ଦିଆ ଏଣ୍ଡୁରି ପିଠା ମା'ଙ୍କ ନିକଟରେ ଭୋଗ ହୋଇଥାଏ। ପହିଲି ରଜରେ ମା'ଙ୍କ ଆଶୀର୍ବାଦ ଭିକ୍ଷା ଏବଂ ପ୍ରାକୃତିକ କରାଯାଇଥାଏ ବୋଲି ପୂଜକଙ୍କ ସୂତ୍ରରୁ ଜଣାଯାଇଛି। ଏଥିସହିତ ଖୋର୍ଦ୍ଧା ନିକଟବର୍ତ୍ତୀ ଗଡ଼ମାଣିତ୍ରୀର ରାମଚଣ୍ଡି ପୀଠ ଏବଂ ହଳଦିଆର ତାଡକି ପାହଡରେ ମଧ୍ୟ ତନି ଦିନ ଧରି ମହା ସମାରୋହରେ ଗଣପର୍ବ ରଜ ପର୍ବ ପାଳନ କରାଯାଉଥିବାବେଳେ ଏଠାରେ ପହିଲି ରଜରେ ନାହିଁ ନଥିବା ଭିଡ଼ ହୋଇଛି।

## ବଡ଼କୁଳ ପାନ୍ଥନିବାସରେ ରଜ ଉତ୍ସବ



**ବାଲୁଗାଁ, ୧୪।୬(ସମିସ):** ବାଲୁଗାଁ ନିକଟସ୍ଥ ବଡ଼କୁଳ ପାନ୍ଥନିବାସ ଠାରେ ରାଜ୍ୟ ପର୍ଯ୍ୟଟନ ବିଭାଗ ତରଫରୁ ଶୁକ୍ରବାର ପହିଲି ରଜ ଠାରୁ ରଜ ଉତ୍ସବ ମହାଆଡମ୍ବର ସହକାରେ ଆରମ୍ଭ ହୋଇଯାଇଛି। ଉକ୍ତ ରଜ ମହୋତ୍ସବକୁ ପୁରୀ ସାଂସଦ ସମ୍ବିତ ପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଓଡ଼ିଆ ଜାତିର ପାରମ୍ପରିକ ରଜ ଉତ୍ସବରେ ସୁସଜ୍ଜିତ ଦୋଳି ସହ ସେଲଫି ପଏଣ୍ଟର ପର୍ଯ୍ୟଟକ ବେଶ ମଜ୍ଜା ନେଇଥିଲେ। ପାନ୍ଥନିବାସ ତରଫରୁ ପ୍ରସ୍ତୁତ ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ପିଠା ଯଥା ଆରିସା, କାକରା, ମଣ୍ଡା, ଛେନାପୋଡ଼ ଓ ପୋଡ଼ପିଠା ଆଦି ପିଠାକୁ ପର୍ଯ୍ୟଟକ ମାନେ ଖାଇବାର ମଜ୍ଜା ନେଇଛନ୍ତି। ଏହି ଉତ୍ସବକୁ ଉପଭୋଗ କରିବା ପାଇଁ ପାନ୍ଥନିବାସ ଠାରେ ଦୂର ଦୂରାନ୍ତରୁ ସକାଳୁ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥିଲା। ୧୭ ତାରିଖ ପର୍ଯ୍ୟନ୍ତ ଉତ୍ସବ ଲାଗି ରହିବ ବୋଲି ପାନ୍ଥନିବାସ ପରିଚାଳକ ସବ୍ୟସାଚି କର ପ୍ରକାଶ କରିଛନ୍ତି।

## ■ ସାରୁଅ ବଜାରରେ ଜମୁଛି ରଜ ପାନର ପସରା
## ■ ଫାୟାର ପାନ ଓ ସ୍ମୋକ ପାନ ପାଇଁ ଜମୁଛି ଭିଡ଼



**ଖୋର୍ଦ୍ଧା, ୧୪।୬(ସମିସ)**

ପହିଲି ରଜରେ ଗାଁଠାରୁ ସହର ସବୁଆଡେ ବେଶ୍ ଚଳଚଞ୍ଚଳ। ରଜ ପାଇଁ ବଜାର ରେ ମଧ୍ୟ ପ୍ରବଳ ଭିଡ଼। ଭଳିକି ଭଳି ପାନ ପସରାକୁ ନେଇ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ରଜପାନ ଦୋକାନ ଖୋଲିଛି। ଥିବା ବେଳେ ପାରମ୍ପରିକ ରଜର ମଜା ନେବାକୁ ଗାଁ ଲେଉଟା ହେଉଛନ୍ତି ସହରବାସୀ।

ରଜପାନ ପ୍ରସ୍ତୁତି ପାଇଁ ଖୋର୍ଦ୍ଧା ଉପକଣ୍ଠ ସାରୁଅ ବଜାର ବେଶ ପ୍ରସିଦ୍ଧ ଲାଭ କରିଛି। ୫୭ନଂ ଜାତୀୟ ରାଜପଥ କଡ଼ରେ ସାରୁଅ ବଜାର ପଡୁଥିବାରୁ ଏହି ରାସ୍ତାଦେଇ ଯିବା ଆସିବା କରୁଥିବା ଲୋକମାନେ ପାନ ଖାଇବା ଲାଗି ଏଠାରେ ଅଟକଥାନ୍ତି। ୧୯୮୫ ମସିହାଠାରୁ ମୃଷାଭାଇନା ଏଠାରେ ପାନବିକ୍ରୀ କରି ପରିବାର ଚଳାଉଥିବା ବେଳେ ତାଙ୍କ ଭଳି ବହୁ ବ୍ୟବସାୟୀ ମଧ୍ୟ ଏଠାରେ ମିଠା ପାନ ବିକ୍ରୀ କରନ୍ତି। ବିଶେଷ କରି ଆଜିଭଳି ରଜ ଦିନରେ ପାନ ଖାଇବା ଲାଗି ଦୋକାନ ମାନଙ୍କରେ ଗ୍ରାହକଙ୍କ ଭିଡ଼ ଲାଗିଥାଏ। ବଜାରରେ ଭଳିକି ଭଳି ମିଠାପାନ ଦୋକାନ ବ୍ୟବସାୟୀମାନେ ଖୋଲିଛି। ଦୋକାନ ଆଗରେ ଚଳିତ ବର୍ଷ ସଜେଇ ହୋଇ ରହିଛି ପ୍ରାୟ ୮୦ପ୍ରକାର ମସଲା।

ସେହିପରି ଭୁବନେଶ୍ୱର ଲୋକାଲ ମାର୍କେଟରୁ ମଧ୍ୟ କିଛି ଯୁବକ ମସଲା ଆଣି ଦୋକାନ ଖୋଲିଥିବା କହିଛନ୍ତି। ଅଧିକ ଚାହିଦା ଫାୟାର ପାନ ଓ ସ୍ମୋକ ପାନର ରହିଥିବାବେଳେ ରଜଉପଲକ୍ଷେ ଦିଲ ଖୁସ, ଦିଲ ଦିୱାନା, ଦିଲ ବାହାର, ରାଜୱାଡ଼ି, ବଣ୍ଟି ବବଲି ପାନ, ଘୁଙ୍ଗୁର, ମାୱା, ଡ଼ାଏଟ ପାନ, ଦବଙ୍ଗପାନ, ଲବଙ୍ଗ ପାନ, ତ୍ରିଭୁଜ ପାନ, ପୋଡ ପିଠା ପାନ, ଫାୟାର ପାନ, ଖିଲିପାନ, ଠୁଙ୍ଗାପାନ, ପିଠା ପାନ, କୋଣାର୍କ ପାନ, ଚଢ଼େଇ ପାନ, ରଶିକ ରାଜ ପାନ ଭଳି ଆକର୍ଷଣୀୟ ନାମରେ ପାନ ମିଳୁଛି। ଏହାଛଡ଼ା ଫ୍ଲେବର ପାନ ମଧ୍ୟରେ ଷ୍ଟବେରୀ, ଚକୋଲେଟ, ମାଙ୍ଗୋ, କେଶର ଏବଂ ଲିଚି ଫ୍ଲେବ୍ରରର ପାନ ପାଇଁ ମଧ୍ୟ ଗ୍ରାହକଙ୍କ ବେଶ ଭିଡ ଜମୁଛି।

ସାରୁଅ ବଜାରର ରଜ ପାନର ଚାହିଦା ଭୁବନେଶ୍ୱର, ଖୋର୍ଦ୍ଧା, ନୟାଗଡ଼, ବାଙ୍କୀ, ଫୁଲବାଣୀ ଆଦି ବିଭିନ୍ନ ସ୍ଥାନରେ ରହିଛି। ସାରୁଅ ବଜାର ପ୍ରତ୍ୟେକ ଦୋକାନ ସୁବାସିତ ମିଠା ପତ୍ର ପାନ, ରଜ ସ୍ପେଶାଲ ପାନରେ ଅଞ୍ଚଳ ବାସୁଥାଏ। ଦୋକାନୀର ହାତକୁ ମଧ୍ୟ ଫୁରସତ ନ ଥାଏ। ଚାହିଦା ମୁତାବକ ପାନ ଭାଙ୍ଗି



ଗ୍ରାହକଙ୍କ ହାତକୁ ବଢ଼ାଇଲା ବେଳେ ମୁହଁରେ ହସ ସ୍ପଷ୍ଟ ବାରି ହୋଇପଡେ। ପାନର ମୂଲ୍ୟ ମଧ୍ୟ ସେମିତି ବେଶି ନୁହେଁ। ମୂଲ୍ୟ ୫ଟଙ୍କାରୁ ଆରମ୍ଭ କରି ୫୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ଚଳିତ ବର୍ଷ ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ରଜପାନ ଦୋକାନ ଖୋଲିଥିବା ଜଣାଯାଇଛି। କେବଳ ପାନ ଭାଙ୍ଗିବା ପାଇଁ ଦୋକାନୀମାନେ ଅଧିକା ଲୋକ ନିଯୁକ୍ତ କରିଥାନ୍ତି।

## ଦୋଳି ଖେଳି ଶୁଭେଚ୍ଛା ଜଣାଇଲେ ବିଧାୟକ

**ଖୋର୍ଦ୍ଧା, ୧୪।୬(ସମିସ):** ରଜ ଆସିଲେ ପିଲାଠୁ ବୁଢ଼ା ସମସ୍ତେ ପାନ ଖଣ୍ଡେ ଖାଇବାକୁ ଆଗ୍ରହ କରିଥାନ୍ତି। ଏହି ରଜ ପାନ ପାଇଁ ଖୋର୍ଦ୍ଧା ସାରୁଅ ବଜାର ପ୍ରସିଦ୍ଧ। ମିଠା ପତ୍ର ସାଙ୍ଗକୁ ବିଭିନ୍ନ ପ୍ରକାର ମସଲା ରେ ରଜ ପାନ ପାଟି କୁ ସ୍ୱାଦ ଭରି ଦେଇଥାଏ। ମିଠା ପତ୍ର ରେ ଚୁଆ ଚନ୍ଦନ ମାରି ଗୋଟିକ ପରେ ଗୋଟିଏ ଚଉଷଠି ପ୍ରକାର ବିଭିନ୍ନ ରଙ୍ଗର ମସଲା ଦେଇ ପାନ ଭାଙ୍ଗି ଗରାଖ ଙ୍କୁ ବଢେଇ ଦିଅନ୍ତି ଖୋର୍ଦ୍ଧା ସାରୁଅ ବଜାର ପାନ ଦୋକାନୀ। ତେବେ ବେଗୁନିଆ ବୋଲଗଡ଼ ର ନବ ନିର୍ବାଚିତ ବିଧାୟକ ପ୍ରଦୀପ କୁମାର ସାହୁ ରଜ ପାନ ଷ୍ଟଲ୍ ରେ ପାନଭାଙ୍ଗି ଯୁବ ଦୋକାନୀଙ୍କୁ ଉତ୍ସାହିତ କରିଥିଲେ। ଏଥିସହିତ ଦୋକାନକୁ ଆସୁଥିବା ଗ୍ରାହକଙ୍କୁ ନିଜେ ପାନ ଖୁଆଇ ରଜ ପର୍ବର ଶୁଭେଚ୍ଛା ଜଣାଇଥିଲେ। ସେହିପରି ପିଲାଙ୍କ ସହ ଦୋଳି ଖେଳି ପିଲାଙ୍କୁ ଉତ୍ସାହିତ କରିଥିଲେ।



## ରାଜ୍ୟସ୍ତରୀୟ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା



**କୁହୁଡ଼ି, ୧୪।୬(ସମିସ) :** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ କୁହୁଡି ପଞ୍ଚାୟତ ମା' ବ୍ୟାଘ୍ରଦେବୀ ସାଂସ୍କୃତିକ ପରିଷଦ ଓ କୁହୁଡି ଗ୍ରାମବାସୀଙ୍କ ତରଫରୁ ବାର୍ଷିକ କୁହୁଡି ରଜ ମହୋତ୍ସବର ପ୍ରାରମ୍ଭ ସନ୍ଧ୍ୟା ରଙ୍ଗାରଙ୍ଗ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଜୟଦେବ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟ ଅତିଥି କ୍ୟାପଟେନ ମନ୍ମଥ ସିଂହ, ସମ୍ମାନିତ ଅତିଥି ମହାବୀର ଆଥଲେଟିକ୍ ଆସୋସିଏସନ ସମ୍ପାଦକ ମନୋଜ କୁମାର ମାନସିଂହ, ସମ୍ମାନୀୟ ଅତିଥି ପବିତ୍ର ହରିଚନ୍ଦନ, ସମ୍ମାନୀୟ ଅତିଥି ବସୁଦେବ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ଅନ୍ନପୂର୍ଣ୍ଣା ଫାଇନାନ୍ସର ଡାଇରେକ୍ଟର ସଞ୍ଜୟ ପଟ୍ଟନାୟକ ଓ କୁହୁଡି ସରପଞ୍ଚ ପ୍ରିୟମ୍ବଦା ବେହେରା ଯୋଗଦେବା ସହିତ ପ୍ରମୁଖ ମଞ୍ଚାସିନ ଥିଲେ ଓ ପରିଚାଳନା କରିଥିଲେ ଲୁଲୁ ମହାପାତ୍ର। ଏହି ରଜ ମହୋତ୍ସବ ପିଲାମାନଙ୍କ ମନୋରଞ୍ଜନ ପାଇଁ ରାମଦୋଳି ସମେତ ଚଟପଟି ଖାଦ୍ୟ ସହିତ ଘରକରଣା ସାମଗ୍ରୀ ଷ୍ଟଲ୍ ପଡ଼ିଥିବା ବେଳେ ଲୋକମାନଙ୍କ ଭିଡ ଜମୁଛି। ସନ୍ଧ୍ୟା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଥମ ଦିନର ପ୍ରଥମ ରାତିରେ ରାଜ୍ୟସ୍ତରୀୟ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗୀତାର ମା'ଗୌରୀ କ୍ଲବ, ଭୁବନେଶ୍ୱର ନାଟକ ପରିବେଷଣ କରିଥିଲେ। ନାଟକ ଦେଖିବା ପାଇଁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି।

## ପତିତପାବନ ଯୁବକ ସଂଘ ପକ୍ଷରୁ ରଜ ମହୋତ୍ସବ

**ବେଗୁନିଆ, ୧୪।୬(ସମିସ):** ବେଗୁନିଆ ସଦର ମହକୁମାସ୍ଥିତ ନୂଆସାହି ଜଗନ୍ନାଥ ମନ୍ଦିର ସଂଲଗ୍ନ ଆମ୍ର କାନନ ପରିସରରେ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ହିମାଂଶୁ ଭୁଷଣ ଦାଶଙ୍କ ଅଧ୍ୟକ୍ଷତାରେ ଗ୍ରାମ୍ୟ କମିଟି ସଭାପତି ଲାଲା ବୀରେନ ରାୟ ମୁଖ୍ୟଅତିଥି, ସ୍ଥାନୀୟ ଚିକିତ୍ସାଳୟର ଡାକ୍ତର ମଧୁସୂଦନ ସୁବୁଦ୍ଧି ମୁଖ୍ୟବକ୍ତା ଓ ଏକ୍ସି ସ ବ୍ୟାଙ୍କ ପରିଚାଳକ ସତ୍ୟଜିତ ପରିଜା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପୂର୍ବାହ୍ନରେ ରଜ ଦୋଳି ପୂଜନ କରିବା ସହ ଅନ୍ତାକ୍ଷରି, କବାଡି, କୁଇଜ ଓ



ଅନ୍ଧପୁଟୁଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାର ପ୍ରାରମ୍ଭରେ ସମ୍ପାଦକ ବଟକୃଷ୍ଣ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଉପଦେଷ୍ଟା ଦିବାକର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ।



## ବଡ଼ନୟାପଲ୍ଲୀ ରଜ ମହୋତ୍ସବ ଉଦ୍‌ଘାଟିତ

**ବେଗୁନିଆ, ୧୪।୬(ସମିସ):** ବଡନୟାପଲ୍ଲୀ ଗ୍ରାମରେ ଷଷ୍ଠ ବାର୍ଷିକ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଅନୁଷ୍ଠାନର ସଭାପତି ପ୍ରଣୟ କୁମାର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ ସାହୁ ମୁଖ୍ୟଅତିଥି, ଆଇନଜୀବୀ ପ୍ରଦୀପ୍ତ ପଟ୍ଟନାୟକ ମୁଖ୍ୟବକ୍ତା, ସରପଞ୍ଚ ସୁନନ୍ଦା ବରାଳ, ମନୋଜ ଜୟସିଂହ, ବାସୁଦେବ ମହାପାତ୍ର, ମାଧବ ବଳବନ୍ତରାୟ, ସାମ୍ବାଦିକ ଯୋଗେଶ୍ୱର ପଣ୍ଡା ଓ ଫାଣ୍ଡି ଅଧିକାରୀ ସୁଶାନ୍ତ ମଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଥାଏ ମହୋତ୍ସବ ବୋଲି ଅତିଥି ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ କବି ବାପି ମହାପାତ୍ର ସଂଯୋଜନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ମା'ଭଗବତୀଙ୍କ ପୀଠରେ ରଜ ଉତ୍ସବ

**ବାଲୁଗାଁ, ୧୪।୬ (ସମିସ):** ପ୍ରସିଦ୍ଧ ଶକ୍ତିପୀଠ ବାଣପୁରର ଆରାଧ୍ୟ ଦେବୀ ମା' ଭଗବତୀଙ୍କ ପୀଠରେ ରଜ ଉତ୍ସବ ପଳିତ ହେଉଛି। ପହିଲି ରଜ ଅବସରରେ ମା ରଜସ୍ୱଳା ନାରୀ ପରି ରଜର ତିନି ଦିନ ଧରି ରଜବତୀ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବାର ପରମ୍ପରା କାହିଁ କେଉଁ ଅନାଦି କାଳରୁ ପ୍ରଚଳିତ ହୋଇ ଆସୁଛି। ରଜ ତିନି ଦିନ ମା'ଙ୍କର ମାଜଣା ସ୍ନାନ କରାନଯାଇ ମା'ଙ୍କୁ କେବଳ ଅଗାଧୁଆରେ ସମସ୍ତ ନୀତିକାନ୍ତି ସମାପନ କରାଯାଏ। ପହିଲି ରଜର ପ୍ରତ୍ୟୁଷରୁ ପାଳିଆ ମାଳି ସେବାୟତ ମାନେ ଦ୍ୱାର ଫିଟା କରି ମା'ଙ୍କୁ କେବଳ ସୁବାସିତ ଜଳ ସିଞ୍ଚନ କରି ବାର ରଙ୍ଗି ପାଟ ଶାଢୀରେ ସୁସଜ୍ଜିତ ବେଶ କରାଇ ପରିଛା ଘରର ଝିଅ ପରି ଅଳତା ସିନ୍ଦୁର ନାଇ ସମସ୍ତ ନୀତିକାନ୍ତି ଶେଷ ହେବାରେ ଦୋଳି ଖେଳିବାକୁ ମା'ବିଜେ କରି କରି ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ଦିଅନ୍ତି। ଏହି ତିନି ଦିନ ସ୍ଥାନୀୟ ଅଞ୍ଚଳର କୁଆଁରୀ ଝିଅ, ବୋହୂ ଓ ବିବାହୀତ ମହିଳା ମାନେ ମା'ଙ୍କ ଦର୍ଶନ କରିବା ଲାଗି ମନ୍ଦିରକୁ ନ ଆସିବାର ପରମ୍ପରା ରହିଛି। ଏହି ଅବସରରେ ମନ୍ଦିରରେ ଏଣ୍ଡୁରି, କାକରା, ମାଠ ପୁଳି, ଗଜା, ସର ପୁଳି, କାନ୍ତି ଓ ଗଜା ମୂଆଁ ଆଦି ସ୍ୱାଦିଷ୍ଟ ପିଠା ପ୍ରସ୍ତୁତ କରାଯାଇଛି। ଆସନ୍ତା ୧୭ ତାରିଖ ସୋମବାର ମା ଭଗବତୀ ବସୁମତି ସ୍ୱରୂପାଙ୍କ ମହାସ୍ନାନ କରାଯାଇ ମା ରାଜରାଜେଶ୍ୱରୀ ବେଶରେ ସ୍ୱର୍ଣ୍ଣ ରୌପ୍ୟ ଅଳଙ୍କାରମାନ ପରିଧାନ କରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି କାର୍ଯ୍ୟନିର୍ବାହୀ ବାଳମୁକୁନ୍ଦ ଦାସ କହିଛନ୍ତି। ଏହି ଅବସରରେ ବାଲୁଗାଁ ନିକଟସ୍ଥ ମାମୁଁ ଭଣଜା ପହାଡରେ ଅବସ୍ଥିତ ମା' ବିନ୍ଧ୍ୟ ବାସିନୀଙ୍କ ମନ୍ଦିର ତଥା ବାଲୁଗାଁ ଓ ବାଣପୁର ଅଞ୍ଚଳର ବିଭିନ୍ନ ପୁର ପଲ୍ଲୀରେ ରଜ ଉତ୍ସବ ଖୁବ୍ ଆଡମ୍ବର ସହକାରେ ପାଳନ ହେଉଥିବା ବେଳେ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଅଛି। ରଜ ଉତ୍ସବରେ ଝିଅମାନେ ନୂତନ ବସ୍ତ୍ର ପରିଧାନ କରିବା ସାଙ୍ଗକୁ ବିଭିନ୍ନ ପ୍ରକାର ପିଠା ଖାଇ ଦୋଳି ଖେଳି ମଜା ନେଉଥିବା ଦେଖିବାକୁ ମିଳିଥିଲା।



## ଟ୍ରେନରୁ ଖସିପଡ଼ି ଯୁବକ ମୃତ

**ଭୂଷଣ୍ଡପୁର/କାଳୁପଡ଼ାଘାଟ, ୧୪।୬ (ସମିସ):** ଖୋର୍ଦ୍ଧା ଜିଲ୍ଲା ଭୂଷଣ୍ଡପୁର ରେଳ ଷ୍ଟେସନ ନିକଟରେ ଜଣେ ଯୁବକ ଟ୍ରେନରୁ ଖସିପଡ଼ି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ମୃତ ଯୁବକଙ୍କ ପରିଚୟ ମିଳି ପାରିନାହିଁ। ମୃତ ଯୁବକଙ୍କ ବୟସ ୩୦ରୁ ଅଧିକ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଖବର ପାଇ ନିରାକାର ପୁର ରେଳବାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ମୃତ ଯୁବକର ଶବକୁ ତାଙ୍କ ପରିବାର ଲୋକେ ନେଇ ପଳାଇଥିବା ଜାଣିବାକୁ ପାଇଥିଲେ। ଘଟଣାରୁ ଜଣାପଡ଼ିଛି ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ ଭୂଷଣ୍ଡପୁର ରେଳ ଷ୍ଟେସନ ନିକଟରେ ଜଣେ ଯୁବକ ଜଣକ ଭୁବନେଶ୍ୱର ବିଶାଖାପାଟଣା ଇଣ୍ଟରସିଟି ଏକ୍ସପ୍ରେସରେ ଭୁବନେଶ୍ୱରରୁ ବାଲୁଗାଁ ଅଭିମୁଖେ ଆସୁଥିଲେ। ତେବେ ଅକସ୍ମାତ ଭୂଷଣ୍ଡପୁର ଷ୍ଟେସନ ନିକଟରେ ଚଳନ୍ତା ଟ୍ରେନ୍‌ରୁ ଖସିପଡ଼ି ପ୍ରାଣ ହରାଇଥିବା ଜଣାପଡ଼ିଛି।

## ସିରିଜ୍ ଦୁର୍ଘଟଣାରେ ୧୦ରୁ ଅଧିକ ଯାତ୍ରୀ ଆହତ

**ନିରାକାରପୁର/ଟାଙ୍ଗୀ, ୧୪।୬(ସମିସ):** ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ବଡ଼ପୋଖରିଆ ଛକ ନିକଟରେ ଏକ ଯାତ୍ରୀବାହୀ ବସ୍ ଭରସ୍ୟାମ୍ ହରାଇ ରାସ୍ତା ଡିଭାଇଡରରେ ପିଟି ହୋଇ ୧୦ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ କି ଖୋର୍ଦ୍ଧା ଜିଲ୍ଲା ବଡ଼ପୋଖରିଆ ଛକ ନିକଟରେ



ବିଳମ୍ବିତ ରାତିରେ ସରକାରୀ ବସ୍ ନଂ ଓଡି୦୫ବିଏ-୭୩୩୯ ଭୁବନେଶ୍ୱର ଆଡ଼କୁ ଯାଉଥିବା ବେଳେ ଚାଳକ ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହେବ ଫଳରେ ୧୦ରୁ ଅଧିକ ଯାତ୍ରୀ ଆହତ ହୋଇଥିଲେ। ଖବର ପାଇ ଜଙ୍କିଆ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ଚିକିତ୍ସା ପାଇଁ ପଠାଇ ଥିଲେ। ପରେ ବସ୍‌କୁ ବସ୍‌କୁ ରାସ୍ତା କଡ଼ରେ ରଖା ଯାଇଥିବା ବେଳେ ପୁଣି ଏକ କଦଳୀ ବୋଝେଇ ଟ୍ରକ୍ ଆସି ଖାଲି ବସ୍ ପଛରୁ ଧକ୍କା ଦେବାରୁ ବସ୍ ରାସ୍ତା କଡ଼ ବିଲ ଭିତରକୁ ପଶି ଯାଇଥିଲା। ଜଙ୍କିଆ ପୁଲିସ ବସ୍‌କୁ ଜବତ କରି ତଦନ୍ତ ଜାରି ରଖିଛନ୍ତି।

## ଜନବସତିମୁହାଁ ଜଙ୍ଗଲୀ ହାତୀ

**କାଳୁପଡ଼ାଘାଟ, ୧୪।୬(ସମିସ):** ରଣପୁର ଚାନ୍ଦପୁର ରାସ୍ତାର କେରେଣ୍ଡାଟାଙ୍ଗୀ କୁକୁଡ଼ା ଫାର୍ମ ନିକଟରେ ଦୁଇଟି ଜଙ୍ଗଲୀ ହାତୀଙ୍କୁ ଦେଖିବାକୁ ମିଳିଛି। ଲୋକମାନେ ହାତୀଙ୍କୁ ଦେଖି ଆତଙ୍କିତ ହୋଇପଡ଼ିଛନ୍ତି। ଗୋଟିଏ ଦନ୍ତା ହାତୀ ସହ



ଗୋଟିଏ ମାଈଁ ହାତୀ ଥିବା ଦେଖିବାକୁ ମିଳିଛି। ନିକଟସ୍ଥ ଜଙ୍ଗଲରେ ଖାଦ୍ୟଭାବ ଯୋଗୁଁ ହାତୀମାନେ ଖାଦ୍ୟ ଅନ୍ୱେଷଣରେ ଜନବସତି ଆଡକୁ ଚାଲିଆସୁଥିବାର ପ୍ରାୟତଃ ଦେଖିବାକୁ ମିଳୁଛି। ଗ୍ରାମବାସୀମାନେ ହାତୀ ଦୁଇଟିକୁ ଦେଖି ରାସ୍ତାରେ ଚଳପ୍ରଚଳ କରିବା ବନ୍ଦ କରିଦେଇଥିବା ଜଣାପଡ଼ିଛି।

## ବାଇକ୍ ଦୁର୍ଘଟଣାରେ ୪ ଗୁରୁତର

**କାଳୁପଡ଼ାଘାଟ, ୧୪।୬(ସମିସ):** ୧୬ ନମ୍ବର ଜାତୀୟ ରାଜପଥ କଇଥପଲା ଛକରେ ବାଇକ୍ ଦୁର୍ଘଟଣାରେ ଜଣେ ପୁଲିସ କନେଷ୍ଟବଲଙ୍କ ସହ ୪ ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ସ୍ଥାନୀୟ ଲୋକେ ଟାଙ୍ଗୀ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଗୁରୁତରମାନେ



ହେଲେ ପତିତପାବନ ନାୟକ (୨୫), ମାନସ ଦାସ (୨୮)ଘର ବ୍ରହ୍ମପୁର, ଶ୍ରୀଧର ନାୟକ(୩୬)ଘର ନୟାଗଡ଼ ଜିଲ୍ଲା ଚାନ୍ଦପୁର ଥାନା ଗୋଦାସାହିର ବୋଲି ଜଣାପଡ଼ିଛି। ଗୁରୁତର କନେଷ୍ଟବଳଙ୍କ ନାମ ସରୋଜ ହାଡ(୨୬)। ସେ ବ୍ରହ୍ମପୁର ସଦର ଜେଲରେ କନେଷ୍ଟବଳ ଅଛନ୍ତି। କଇଥପଲା ଛକରେ ପୁଲିସ କନେଷ୍ଟବଳ ସରୋଜ ହାଡ଼ଙ୍କ ବାଇକ୍ ସହ ପତିତପାବନ ନାୟକଙ୍କ ବାଇକ୍ ଧକ୍କା ହୋଇଥିଲା। ସେହିଭଳି କଇଥପଲା ଛକରେ ଶ୍ରୀଧର ନାୟକଙ୍କ ବାଇକ୍ ଗଛରେ ପିଟି ହୋଇ ଯାଇଥିଲା। ଫଳରେ ସମସ୍ତେ ଗୁରୁତର ହୋଇଛନ୍ତି। ଗୁରୁତର ସମସ୍ତଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି।

## କାର୍‌କୁ ଧକ୍କା ଦେଲା ଟ୍ରକ୍: ୭ ଆହତ

**ନିରାକାରପୁର, ୧୪।୬(ସମିସ) :** ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ମୋଟା ଛକ ନିକଟରେ ଏକ ଟ୍ରକ୍ ଧକ୍କାରେ କାରରେ ଯାଉଥିବା ଯାତ୍ରୀଙ୍କ ମଧ୍ୟରୁ ୭ ଜଣ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଶୁକ୍ରବାର ଅପରାହ୍ନ ୩ଟା ବେଳେ ବ୍ରହ୍ମପୁର ପଟୁ ଏକ କାର ନଂ ଓଡି ୦୭ ଏଏଚ୍ ୮୧୭୯ ଭୁବନେଶ୍ୱର ଆଡ଼କୁ ଯାଉଥିବା ବେଳେ ହଠାତ୍



ଜଙ୍କିଆ ଥାନା ଗୋଡ଼ିପଡ଼ା ଟୋଲଗେଟ ପୂର୍ବ ରୁ ମୋଟ ଛକ ନିକଟରେ ପଛକୁ ମାଲବାହୀ ଟ୍ରକ୍ ନଂ ଏପି ୩୯ ୟୁସି -୯୭୯୭ ଧକ୍କା ଦେଇଥିଲା। ଏହି ଘଟଣାରେ କାର୍‌ରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୭ ଜଣ ଆହତ ହୋଇଥିଲେ। ଜଙ୍କିଆ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ପ୍ରଥମେ ଚିକିତ୍ସା ପାଇଁ ଖୋର୍ଦ୍ଧା ପଠାଇ ଦୁଇଟି ଯାକ ଗାଡ଼ି ଜବତ୍ କରି ତଦନ୍ତ ଜାରି ରଖିଥିବା ଏସଆଇ ସଞ୍ଜୟ ପ୍ରଧାନଙ୍କ ଠାରୁ ଜଣାପଡ଼ିଛି।

